


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୯ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 19 December 2025
Vol.No. 36 ■ No.334 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକସଭାରେ 'ଭିବି ଜି ରାମ ଜି' ବିଲ୍ ପାରିତ: ନେବ ମନରେଗାର ସ୍ଥାନ

ନୂଆଦିଲ୍ଲୀ,୧୮/୧୨ : ପ୍ରବଳ ହଟ୍ଟଗୋଳ ମଧ୍ୟରେ ଗୁରୁବାର ଲୋକସଭାରେ ପାରିତ ହୋଇଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ବା 'ଭିବି ଜି ରାମ ଜି' ବିଲ୍ ୨୦୨୫। ଏହା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନର (MGNREGA)ର ସ୍ଥାନ ନେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଏହି ପଦକ୍ଷେପ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଅପମାନ। ଏହା ସହିତ ଏହି ବିଲ୍‌ରେ ଥିବା କିଛି ନିୟମକୁ ସେମାନେ ତୀବ୍ର ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଏହି ପଦକ୍ଷେପକୁ ଠିକ୍ ଦର୍ଶାଇ ବିଲ୍ ଉପସ୍ଥାପନ କରିଥିବା କେନ୍ଦ୍ର



ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଥିଲେ, ପ୍ରାରମ୍ଭରେ କେବଳ ଏନ୍‌ଆରଜିଏ (ନରେଗା) ଥିଲା। ସେଥିରେ ମହାତ୍ମା ଗାନ୍ଧୀଙ୍କ ନାଁକୁ ଯୋଡ଼ା ଯାଇନଥିଲା। ୨୦୦୯ରେ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ମୁଣ୍ଡରେ ବାପୁଙ୍କ କଥା ପଶିଥିଲା। ଭୋଟ୍ ପାଇଁ ସେମାନେ ଏନ୍‌ଆରଜିଏ (ନରେଗା)ରେ ମହାତ୍ମା ଗାନ୍ଧୀଙ୍କ ନାଁ ଯୋଡ଼ି ଏହାକୁ ଏମ୍‌ଜିଏନ୍‌ଆରଇଜିଏ (ମନରେଗା) କରି ଦେଇଥିଲେ। ମୁଁ ଏହା କହିବାକୁ ଚାହେଁ ଯେ ମନରେଗାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇ ଠିକ୍ ଭାବେ କାର୍ଯ୍ୟକାରୀ କରିଛନ୍ତି। ଶ୍ରୀ ଚୌହାନ ଆହୁରି କହିଥିଲେ ଯେ କଂଗ୍ରେସ ବାପୁଙ୍କ ଆଦର୍ଶଗୁଡ଼ିକୁ ହତ୍ୟା କରିଛି। କିନ୍ତୁ ମୋଦି ସରକାର ପିଏମ୍ ଆବାସ ଯୋଜନା, ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ମିଶନ ଓ ଆୟୁଷ୍ମାନ ଭାରତ ମାଧ୍ୟମରେ ବାପୁଙ୍କ ଆଦର୍ଶକୁ ଜୀବିତ ରଖିଛନ୍ତି। ପୂର୍ବାଗ୍ରହ ରଖି ମୋଦି ସରକାର ବିଭିନ୍ନ ଯୋଜନାର ନାଁ ପରିବର୍ତ୍ତନ କରୁଛନ୍ତି ବୋଲି କଂଗ୍ରେସ ସାଂସଦ ପ୍ରିୟଙ୍କ ଗାନ୍ଧୀ ଅଭିଯୋଗ କରିଥିବା ବେଳେ ଜବାହରଲାଲ ନେହରୁ ଓ ମହାତ୍ମା ଗାନ୍ଧୀଙ୍କ ନାଁରେ ଚାଲିଥିବା ଏକାଧିକ କାର୍ଯ୍ୟକ୍ରମର ଉଦାହରଣ ଦେଇ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ତାଙ୍କୁ ସମାଲୋଚନା କରିଥିଲେ। ଏହି ବିଲ୍‌କୁ ବିରୋଧ କରି ବିରୋଧୀ ଦଳର ସାଂସଦମାନେ ଗୃହର ମଧ୍ୟଭାଗକୁ ଯାଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

◆◆ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ମହିଳା ଥାନା ଅଧିକାରୀ

ଦଶମନ୍ତପୁର, ୧୮/୧୨ (ନି.ପ୍ର): ନିଜେ ମହିଳା ହୋଇ ଜଣେ ଯୁବତୀଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଲେ ଥାନା ଅଧିକାରୀ। ଅଭିଯୁକ୍ତ ଥାନା ଅଧିକାରୀ ହେଲେ ସୁକୁମା ହାଁସଦା। ଆଜି ସକାଳ ସାଢ଼େ ୧୦ଟା ସମୟରେ ଧରାପଡ଼ିଥିବା ଜୟପୁର ଭିଜିଲାନ୍ସ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଘଟଣାଟି ଘଟିଛି କୋରାପୁଟଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ଥାନାରେ। ସୂଚନା ଅନୁସାରେ ଗତ କିଛି ଦିନ ପୂର୍ବେ ଦଶମନ୍ତପୁର ବ୍ଲକ ଅଞ୍ଚଳର




ଜଣେ ଯୁବତୀଙ୍କୁ ଏହି ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତ ଅଧୀନସ୍ଥ ଛଟା ଗୁଡା ଗାଁର ରାମେଶ୍ୱର ବିଶୋଇ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସଂପର୍କ ରଖି ଆସୁଥିଲେ। ଯୁବତୀ ଜଣକ ବିବାହ କରି ଘରକୁ ନେବାକୁ ପ୍ରେମିକକୁ କହିଥିଲେ।

◆◆ପୃଷ୍ଠା ୭

## ସୁକମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ

ମାଲକାନଗିରି, ୧୮/୧୨ (ନି.ପ୍ର): କିଛି ମାଓବାଦୀ ସୁଧୁରୁ ନାହାନ୍ତି। ସେମାନେ ମୁଖ୍ୟ ସ୍ରୋତରେ ଆସିବାକୁ ନାରାଜ। ବିଗତ ଏକ ମାସ ମଧ୍ୟରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରସାରିଛନ୍ତି। ଆହୁରି ଶତାଧିକ ମାଓବାଦୀମାନେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି ବୋଲି ମାଓନେତାମାନେ ମଧ ଚର୍ଚ୍ଚା କରୁଛନ୍ତି। ଏଣେ ଆଜି ଛତିଶଗଡ଼ ସୁକମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ ହୋଇଥିବାର ଖବର ମିଳିଛି। ଉଭୟ ପକ୍ଷଙ୍କ ମଧ୍ୟରେ ଏବେ ବି ଜାରି ରହିଛି ଗୁଳି ବିନିମୟ। ସୁକମା ଗୋଲାପଲ୍ଲୀ ଥାନା ଅନ୍ତର୍ଗତ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ଆକ୍ସନ ମୋଡକୁ ଆସିଥିଲା ଡିଆରଜି ଟିମ୍ । ଏହି ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଏବେ ବି ଜଙ୍ଗଲ ଭିତରେ ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ସୁରକ୍ଷାକର୍ମୀ ମାଓବାଦୀଙ୍କୁ ଖୋଜୁଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଚଳିତ ମାସ ଆରମ୍ଭରେ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଏକ ବଡ଼ଧରଣର ଏନ୍‌କାଉଣ୍ଟର ଘଟଣା ଘଟିଥିଲା।

◆◆ପୃଷ୍ଠା ୭

## ଶୀତଲହରୀ ସହ ତୁଷାରପାତ ଜାରି: ଘୁ.ଉଦୟଗିରିରେ ପାରଦ ୫ଡିଗ୍ରି ରେକର୍ଡ଼

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ସାରା ରାଜ୍ୟ ସମେତ କନ୍ଧମାଳ ଜିଲ୍ଲାରେ ଚଳିତ ବର୍ଷ ଶୀତ ଜାରି ରହିଛି। ଓଡ଼ିଶାର ଦାର୍ଜିଲିଂ କୁହାଯାଉଥିବା ଘୁମୁସର ଉଦୟଗିରି ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ। ସ୍ଥାନୀୟ ଅଞ୍ଚଳରେ ଶୀତ ତାର ପ୍ରକୋପ ଦେଖେଇବାରେ ଲାଗିଛି। ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଶୀତ ଲହରୀ ସହ ତୁଷାରପାତ ଜାରି ରହିଛି। ପାରଦ ତଳମୁହାଁ ହେବା ସହ ପ୍ରବଳ ଶୀତ କୁ ଜାଡ କଲବଲ କରୁଛି। ହାତଗୋଡ଼ କାଳ ମାରୁଛି।ସଞ୍ଜ ନଇଁଲେ ଶୀତର ପ୍ରକୋପ ବଢ଼ିବାରେ ଲାଗୁଛି। ରାତି ଯେତେ ବଢୁଛି ଜାଡ଼ ସେତେ ଅଧିକ ହେଉଛି। ମାଲୁଆ ଶୀତ ତାର ରୂପ ଦେଖେଇବାରେ ଲାଗିଛି। ଆଜି



ସ୍ଥାନୀୟ ସହରର ତାପମାତ୍ରା ୫ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ଗତକାଲି ଏହା ୬.୬ ଡିଗ୍ରି ଥିଲା। ଅନ୍ୟପକ୍ଷରେ କୁହୁଡି ସେଇ ମାତ୍ରାରେ ସାରା ଅଞ୍ଚଳରେ ବିସ୍ତାର ହେଉଥିବା ବେଳେ କୁହୁଡ଼ିର ଚାଦର ତଳେ ସାରା ଅଞ୍ଚଳ ରହିଲା ଭଳି ଅନୁଭବ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାରେ ଯାତାୟତରେ ବଡ଼ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ସର୍ବାଧିକ ଥଣ୍ଡାର ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦୁଇ ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ତୁଷାରପାତ ଜାରି ରହିଛି। ସ୍ଥାନୀୟ ସହର ସହ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ତୁଷାର ପାତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି।

◆◆ପୃଷ୍ଠା ୭

## ନୂଆବର୍ଷରେ ନୂଆରୂପ ପାଇପାରେ ଶାସନତନ୍ତ୍ର: ଅଟକିଥିବା ଫାଇଲ୍‌ରେ ବାଜିବ ମୋହର

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଆଉ ହେବନି ବିଳମ୍ବ, ସବୁ ଅପେକ୍ଷାର ହେବ ଅନ୍ତ । ଦୀର୍ଘ ୧୮ ମାସ ଧରି ନିଗମ ଓ ବୋର୍ଡ ପଦକୁ ନେଇ ଯେଉଁ ଚର୍ଚ୍ଚା ଆକଳନ ଚାଲିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିବେ ମୁଖ୍ୟମନ୍ତ୍ରୀ । ସୂଚନା ଅନୁସାରେ, ନୂଆବର୍ଷରେ ବାବୁ ଓ ନେତାଙ୍କୁ ନୂଆ ଦାୟିତ୍ୱ ଦେବେ ମୋହନ ସରକାର । ଆସନ୍ତା ଡିସେମ୍ବରରେ ସରୁଛି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ । ହେଲେ ମନୋଜଙ୍କୁ ପୁନଃନିଯୁକ୍ତି ମିଳିବ ନା ଓଡ଼ିଶା ପ୍ରଶାସନ ଦେଖିବ ନୂଆ ମୁଖିଆ ? ତାକୁ ନେଇ ପାୱାର କରିଡରରେ ଚର୍ଚ୍ଚା । ମୋହନଙ୍କ ଭରସା ଜିତିଥିବା ମନୋଜଙ୍କ ନେତୃତ୍ୱରେ



ଶାସନତନ୍ତ୍ରକୁ ଆଗକୁ ନେବାକୁ ଚାହୁଁଛନ୍ତି ସରକାର । ତେଣୁ ତାଙ୍କର କାର୍ଯ୍ୟ ଅବଧିକୁ ଆଉ ୬ ମାସ ବୃଦ୍ଧି କରିବାର ଯଥେଷ୍ଟ ସମ୍ଭାବନା ରହିଛି । ମୋହନ ସରକାର ଆଣିଥିବା ଯୋଜନାର ସଫଳତା ପଛରେ ମନୋଜଙ୍କର ବଡ ଭୂମିକା ରହିଛି। ଅନ୍ୟପଟେ ସରକାରଙ୍କ ଗୁଡବୁକ୍‌ରେ ରହିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ । ଅନେକ ସମୟରେ ସରକାରଙ୍କ ପାଇଁ ସାଜିଛନ୍ତି କ୍ରାଇସିସ୍ ମ୍ୟାନେଜର । ସରକାରକୁ ୧୮ ମାସ ପୁରିଲାଣି। ହେଲେ ଏଯାଏଁ ବୋର୍ଡ କି ନିଗମର ଅଙ୍କ ଛିଣ୍ଡିନି। ପୁରୁଣାବର୍ଷରେ ପଡି ରହିଥିବା କାର୍ଯ୍ୟକୁ ନୂଆବର୍ଷରେ ପୂର୍ଣ୍ଣାଙ୍ଗ ରୂପ ଦେବେ ମୋହନ ସରକାର । ଏଥିପାଇଁ ସରକାରୀ ସ୍ତରରେ ହିସାବ ନିକାଶ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁଆରିରେ ଦଳୀୟ ନେତାଙ୍କୁ ମିଳିବ ନୂଆବର୍ଷ ଭେଟି । ବୋର୍ଡ ଓ ନିଗମରେ ଚୂଡ଼ାନ୍ତ ମୋହର ମାରିବେ ମୁଖ୍ୟମନ୍ତ୍ରୀ । ଏଥିପାଇଁ ଆଶାୟୀ ନେତା ମଧ କ୍ଷମତାକେନ୍ଦ୍ରରେ ଜୋରଦାର ଲବି କଲେଣି । ନୂଆବର୍ଷରେ ପ୍ରଶାସନିକ ସ୍ତରରେ ବଡ ଅଦଳବଦଳ ହେବାର ସମ୍ଭାବନା ରହିଛି । ଯେଉଁ ଅଫିସରଙ୍କ କାର୍ଯ୍ୟଦକ୍ଷତା ସରକାରଙ୍କ ପାଇଁ ସନ୍ତୋଷଜନକ ନାହିଁ ସେମାନଙ୍କୁ ପାୱାର କରିଡରରୁ ଆଉଟ କରିପାରନ୍ତି ମୋହନ ।

## ବିଜେପି ବିଧାୟକ ଦଳର ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତା ବୃଦ୍ଧି ପ୍ରସଙ୍ଗରେ ସଦ୍ୟ ସମାପ୍ତ ୧୭ତମ ବିଧାନସଭା ଅଧିବେଶନରେ ଗତ ଡିସେମ୍ବର ୯ ତାରିଖ ଦିନ ଏକ ବିଧେୟକ ଗୃହୀତ ହୋଇଥିଲା । ଗୁରୁବାର ଏ ସମ୍ବନ୍ଧରେ ବିଧାୟକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଲୋକମତକୁ ସମ୍ମାନ ଜଣାଇ ବିଧାୟକମାନଙ୍କ ଦରମା, ଭତା ବୃଦ୍ଧିର ପୁନର୍ବିଚାର କରିବାକୁ ବିଧାୟକମାନେ ଲିଖିତଭାବେ ମୁଖମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ।

## ଶାନ୍ତି ଆଲୋଚନା ପୂର୍ବରୁ ପୁଟିନଙ୍କ ଚରମ ବାଣୀ: ଋଷ-ୟୁକ୍ରେନ ଯୁଦ୍ଧ ହୋଇପାରେ ଜଟିଳ



ନୂଆଦିଲ୍ଲୀ,୧୮/୧୨ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କଡ଼ା ଚେତାବନୀ ଦେଇଛନ୍ତି । ୟୁକ୍ରେନ ସହ ଯଦି ଶାନ୍ତି ଆଲୋଚନା ବିଫଳ ହୁଏ, ତେବେ ଏହାର ଅଞ୍ଚଳଗୁଡ଼ିକୁ ସୈନ୍ୟବଳରେ ଦଖଲ କରିବ ରୁଷିଆ। ସେନା ଅଧିକାରୀଙ୍କ ବାର୍ଷିକ ବୈଠକରେ ପୁଟିନ୍ ଏହି ବଡ଼ ଧମକ ଦେଇଛନ୍ତି । ରୁଷ- ୟୁକ୍ରେନ ଯୁଦ୍ଧ ଏବେ ନୂଆମୋଡ଼ ନେବା ଆଶଙ୍କା ଦେଖାଦେଇଛି । ଗୋଟିଏ ପଟେ ଶାନ୍ତି ପାଇଁ ପ୍ରୟାସ ଚାଲିଥିବା ବେଳେ ଅନ୍ୟପଟେ ପରସ୍ପର ଉପରେ ମିଜାଇଲ୍ ମାଡ଼ ଜାରି ରଖିଛନ୍ତି ଦୁଇଦେଶ । ଏହାରି ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଦେଇଛନ୍ତି ବଡ଼ ଚେତାବନୀ । ଯଦି ୟୁକ୍ରେନ ସହ ଶାନ୍ତି ଆଲୋଚନା ବିଫଳ ହୁଏ, ତେବେ ଏହାର ଅଧିକୃତ ଅଞ୍ଚଳଗୁଡ଼ିକୁ ସୈନ୍ୟବଳରେ ଦଖଲ କରିବ ରୁଷିଆ। ପଶ୍ଚିମ ଦେଶଗୁଡ଼ିକ ରୁଷିଆର କାର୍ଯ୍ୟକୁ ଆକ୍ରମଣ ବୋଲି କହୁଛନ୍ତି ସେନା ଅଧିକାରୀଙ୍କ ବାର୍ଷିକ ବୈଠକରେ ପୁଟିନ୍ କହିଛନ୍ତି, ଆମେ କୂଟନୈତିକ ଉପାୟରେ ସମସ୍ୟା ସମାଧାନ ଚାହୁଁଛୁ, କିନ୍ତୁ ଯଦି ବିପକ୍ଷ ଓ ତାଙ୍କ ବିଦେଶୀ ସମର୍ଥକମାନେ ଗୁରୁତର ଆଲୋଚନା କରିବାକୁ ଅସ୍ୱୀକାର କରନ୍ତି, ତେବେ ରୁଷ ଐତିହାସିକ ଭୂମିଗୁଡ଼ିକୁ ସୈନ୍ୟବଳରେ ମୁକ୍ତ କରିବ। ରୁଷ କ୍ରିମିଆ ସହ ଡୋନବାସ୍, ଜାପୋରିଜିଆ ଓ ଖେର୍ସନ୍ ଅଞ୍ଚଳ ଦାବି କରୁଛି। ଏହି ଚେତାବନୀ ଟ୍ରମ୍ପପ୍ରଶାସନର ଶାନ୍ତି ପ୍ରସ୍ତାବ ଆଲୋଚନା ଚାଲିଥିବା ସମୟରେ ଆସିଛି। ୟୁକ୍ରେନ ଓ ପଶ୍ଚିମ ଦେଶଗୁଡ଼ିକ ଏହାକୁ ଆକ୍ରମଣ ବୋଲି କହୁଛନ୍ତି। ଯୁଦ୍ଧ ଉତ୍ତେଜନା ବଢ଼ିଛି !

## ମଣ୍ଡି ବ୍ୟବସ୍ଥାକୁ ନେଇ ସବୁଠି ଅସନ୍ତୋଷ: କେଉଁଠି ଟୋକନ ମିଳିନି ତ କେଉଁଠି ମଣ୍ଡି ଖୋଲିଥିଲେ ବି ଧାନ ଉଠୁନି

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଚାଲିଛି ଧାନର ଅମଳ ଋତୁ । କିନ୍ତୁ ମଣ୍ଡି ଅବ୍ୟବସ୍ଥା ଚାଷୀ ଚିନ୍ତାର କାରଣ ପାଲଟିଛି । ଦକ୍ଷିଣରୁ ପଶ୍ଚିମ ରାଜ୍ୟରେ ସବୁଠି ଚାଷୀଙ୍କୁ ଧାନ ବିକିବା ପାଇ ହନ୍ତସନ୍ତ ହେବାକୁ ପଡୁଛି । କେଉଁଠି ମଣ୍ଡି ଖୋଲିନି, ତ କେଉଁଠି ଟୋକନ ମିଳିନଥିବା ଅଭିଯୋଗ ଆସିଛି । ନବରଙ୍ଗପୁରରେ ମଣ୍ଡି ଖୋଲିବାର ପ୍ରଥମ ଦିନରୁ ଦେଖାଦେଇଛି ଅବ୍ୟବସ୍ଥା । ମସସ୍ୟାକୁ ନେଇ ସମ୍ବଲପୁରରେ ଆସନ୍ତକାଲି ବନ୍ଦ ଡକାରା ଦେଇଛନ୍ତି ଚାଷୀ । ଧାନ




ବିକିବାକୁ ନେଇ ସବୁଠି ସମସ୍ୟା । ମଣ୍ଡି ଖୋଲିଥିଲେ ବି ଟୋକନ ମିଳିନି । ଫଳରେ ଚାଷୀ ଧାନ ବିକିପାରୁନି । ବିଭିନ୍ନ ସମସ୍ୟାକୁ ନେଇ ଆସନ୍ତାକାଲି ସମ୍ବଲପୁର ବନ୍ଦ ଡାକରା ଦେଇଛି ପଶ୍ଚିମ ଓଡ଼ିଶା କୃଷକ ସଂଗଠନ । ଏହା ପୂର୍ବରୁ ଆଜି ଚାଷୀଙ୍କ ବିଶାଳ ବାଇକ ଶୋଭାଯାତ୍ରା କରିଛନ୍ତି । ରାଲି କରି ସମ୍ବଲପୁରବାସୀଙ୍କୁ ବନ୍ଦରେ ସହଯୋଗ ପାଇଁ ଅନୁରୋଧ କରିଛନ୍ତି ଚାଷୀ।

◆◆ପୃଷ୍ଠା ୭

## ଡ଼ିଏମକେକୁ କଡା ଭାଷାରେ ଟାର୍ଗେଟ କଲେ ବିଜୟ

ନୂଆଦିଲ୍ଲୀ,୧୮/୧୨ : ତାମିଲ ସୁପରଷ୍ଟାର ତଥା ତାମିଲଗା ଭେଟି କାଝାଗମ (ଟିଭିକେ) ନେତା ବିଜୟ ଥାଲପତି ଶାସକ ଡିଏମକେ ସରକାର ଉପରେ କଡା ଆକ୍ରମଣ କରିଛନ୍ତି । ସେ ଡ଼ିଏମକେ ଦଳକୁ 'ଦୁଷ୍ଟ ଶକ୍ତି' ବୋଲି କହିଥିଲେ । ୨୦୨୬ ବିଧାନସଭା ନିର୍ବାଚନକୁ ଟାର୍ଗେଟ କରି ସେ କହିଥିଲେ ଯେ ଏହି ନିର୍ବାଚନ ଭିନ୍ନ ହେବ ଏବଂ ଲୋକମାନେ ସବୁକିଛି ବୁଝାଇଦେବେ। ବିଜୟ ପଚାରିଥିଲେ, 'ଘରରଞ୍ଜ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ଶିକ୍ଷା ଋଣ ଛାଡ କରିବା ଭଳି କେତେ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା ?' ସେ ଦୁର୍ନୀତି ଅଭିଯୋଗ ଆଣି କହିଥିଲେ ଯେ ଆଖୁ ଏବଂ ଧାନ ପାଇଁ ଦର ସ୍ଥିର କରାଯାଇଥିଲା, କିନ୍ତୁ ହଳଦୀର ମୂଲ୍ୟ ବୃଦ୍ଧି ପାଇଁ କିଛି କରାଯାଇ ନଥିଲା, ଯେତେବେଳେ ଗବେଷଣା ପ୍ରତିଷ୍ଠାନ ପାଇଁ କୋଟି କୋଟି ଟଙ୍କାର ଟେଣ୍ଡର ଜାରି କରାଯାଇଥିଲା। ସେ ଜଳସେଚନ, ଚାକିରି, ସୁରକ୍ଷା ଏବଂ କୃଷକ କଲ୍ୟାଣ ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ଖାଲି ପଦବୀ କାହିଁକି ପୂରଣ କରାଯାଉନାହିଁ, ଛାତ୍ରମାନେ କାହିଁକି ସ୍କୁଲ ଛାଡୁଛନ୍ତି ଏବଂ ମହିଳାମାନେ ସୁରକ୍ଷିତ ଅଛନ୍ତି କି ନାହିଁ। ସେ କହିଥିଲେ, 'ତୁମେ ମୋତେ ନିଜେ କୁହ, ଏହା ସତ୍ୟ କି ? ଏହା ହେଉଛି ବାସ୍ତବତା।'

# ବଡଦିନ ଓ ନୂଆ ବର୍ଷ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,୧୮/୧୨ (ନି.ପ୍ର): ବଡଦିନ ଓ ନୂଆ ବର୍ଷରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ପଂଚୁକ ସମୟରେ ଏହି ବ୍ୟବସ୍ଥା ଅନୁସାରେ ଶ୍ରଦ୍ଧାଳୁ ମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ତେଣୁ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ଏହା କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ବଡଦିନ ଓ ନୂଆ ବର୍ଷ ସମୟରେ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ବର୍ଷ ଶେଷ ସହିତ ଛୁଟି ଦିନ ରହୁଥିବାରୁ ବଡଦିନ ଓ ନୂଆ ବର୍ଷ ରେ ମହାପ୍ରଭୁଙ୍କ ଦର୍ଶନ ନିମିତ ଲୋକ ମାନଙ୍କର ଗହଳି ହୋଇଥାଏ। ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇ ଥିବାରୁ ପାନୀୟ ଜଳ ପ୍ରଦାନ ବ୍ୟବସ୍ଥା ମନ୍ଦିର ଭିତରେ ଓ ବାହାରେ କରାଯିବ।ଅଗ୍ନି ଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା,ସମୁଦ୍ର ନିକଟରେ ଆନୁସଙ୍ଗିକ ସୁରକ୍ଷା ବ୍ୟବସ୍ଥା, ଲାଇଫଗାର୍ଡ ମୁତୟନ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୀତି କାନ୍ତି ସଠିକ ସମୟରେ ପରିଚାଳନା ପାଇଁ ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନ କୁ ପରାମର୍ଶ ଦେଇଥିଲେ। ଯାହା ଫଳରେ ଦର୍ଶନ ଯଥା ଶୀଘ୍ର ତ୍ୱରାନ୍ୱିତ ହୋଇ ପାରିବ। ସେହିପରି ପାନୀୟ ଜଳ ଓ ଶୌଚାଳୟ ପାଇଁ ୱାଟକୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସିଡିଏମଓ,ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ପାଇଁ ପୁରୀ ପୌରପାଳିକା, ଶ୍ରଦ୍ଧାଳୁଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଟିପିସିଓଡିଏଲ,ପାର୍କିଂ ସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ପାଇଁ ଆରଟିଓ, ବ୍ୟାରିକେଡ ନିର୍ମାଣ, ଆବଶ୍ୟକ ଅନୁସାରେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସାମୂହିକ କାର୍ଯ୍ୟକ୍ରମ। ଏହାକୁ ସମ୍ମିଳିତ ସହଯୋଗ ରେ ସଫଳ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଅନ୍ୟ ଦିନ ମାନଙ୍କ ଅପେକ୍ଷା ଛୁଟି ଦିନ ପଡୁଥିବା ରୁ ବଡଦିନ ଓ ନୂଆ ବର୍ଷରେ ବ୍ୟାପକ ଗହଳି ର ଆଶା କରାଯାଉଛି। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା,ଟ୍ରାଫିକ ନିୟନ୍ତ୍ରଣ, ଧାଡିରେ ଥିବା ଶ୍ରଦ୍ଧାଳୁଙ୍କୁ ନିୟନ୍ତ୍ରଣ, ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ପାଇଁ ପୋଲିସ ବିବିଧ ପଦକ୍ଷେପ ନେଇଛନ୍ତି। ଶ୍ରଦ୍ଧାଳୁଙ୍କୁ ସୂଚନା ପ୍ରଦାନ ଓ ସଚେତନତା ପାଇଁ ସାଇନଏଜ ବିଭିନ୍ନ ସ୍ଥାନରେ ଲଗାଯିବ। ତେବେ ନିତି ଠିକ ସମୟରେ ସମ୍ପାଦନ ପାଇଁ ମନ୍ଦିର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ, ସଚିବ ପାଟିଲ,ସୌମ୍ୟ ରଞ୍ଜନ ମଲ୍ଲିକ, ସହକାରୀ ନିତୀ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଚାରିଟି ନୂତନ ଅତ୍ୟାଧୁନିକ ଦମକଳ ଗାଡି ସାମିଲ

ରାଉରକେଲା,୧୮/୧୨ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ର ଅଗ୍ନିଶମ ସେବା ବିଭାଗ ଚାରୋଟି ଅତ୍ୟାଧୁନିକ ଫାୟାର ଟେଣ୍ଡର ସାମିଲ କରି ଏହାର ଜରୁରୀକାଳୀନ ଅଗ୍ନି ନିର୍ବାପନ ବାହନ ସମୂହକୁ ଅଧିକ ସୁଦୃଢ କରିଛି । ଏହି ଶକ୍ତିଶାଳୀ ଫାୟାର ଟେଣ୍ଡରଗୁଡ଼ିକ ମଧ୍ୟରେ ଦୁଇଟି ଫୋମ୍ ଫାୟାର ଟେଣ୍ଡର, ଗୋଟିଏ ଡିସିପି କମ ମଲ୍ଟି-ପର୍ପଜ୍ ଫାୟାର ଟେଣ୍ଡର ଏବଂ ୧୮ ମିଟର ବିଶିଷ୍ଟ ବୁମ୍ ଟାୱାର ସହିତ ଗୋଟିଏ ୱାଟର ବାଉଜର ଅନ୍ତର୍ଭୁକ୍ତ ରହିଛି । ଡିସେମ୍ବର ୧୭ ତାରିଖରେ କେନ୍ଦ୍ରୀୟ ଅଗ୍ନିଶମ ଷ୍ଟେସନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇଙ୍କ ଉପସ୍ଥିତିରେ ଅତ୍ୟାଧୁନିକ ନୂତନ ଦମକଳ ଗାଡି ଗୁଡ଼ିକୁ ସେବାରେ ନିୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ପଲାଇ ନୂତନ ଅଗ୍ନି ନିର୍ବାପକ ବାହନ ଗୁଡିକର ବିଶେଷ ଉପକରଣ ଏବଂ ଆନୁଷଙ୍ଗିକ ସାମଗ୍ରୀ ପରିଦର୍ଶନ କରିଥିଲେ। ସେ ନୂତନ ଉପକରଣ ଗୁଡିକରେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିବା ସହିତ ନୂତନ ଭାବେ ସଂଯୋଗୀକରଣ ହୋଇଥିବା ଫାୟାର ଟେଣ୍ଡରଗୁଡ଼ିକର ସ୍ୱତନ୍ତ୍ର ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ ମଧ୍ୟ ଅବଗତ ହୋଇ ଥିଲେ। ଅଗ୍ନିଶମ ସେବା ବିଭାଗର ଜିଏମ ଶ୍ରୀ ପି ଏସ୍ ଥାକରେଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ଦଳ ଦ୍ୱାରା ଅଗ୍ନିଶମ ଟେଣ୍ଡରଗୁଡ଼ିକର କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବା ସହିତ ସେଗୁଡ଼ିକର ପରାକାଷ୍ଠା ଏବଂ ପ୍ରଭାବଶାଳୀତା ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଅଗ୍ନିଶମ ସେବା ବିଭାଗର ଡିଜିଏମ ଶ୍ରୀ ଏମ୍ ଆଇ ସୋଙ୍କୁସାରେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଉଲ୍ଲେଖନୀୟ ଯେ, ଅତ୍ୟାଧୁନିକ ନୂତନ ଅଗ୍ନି ନିର୍ବାପକ ଗାଡି ଗୁଡ଼ିକରେ ବିଭିନ୍ନ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ବୈଶିଷ୍ଟ୍ୟରେ ସଜ୍ଜିତ ରହିଛି । ଏଥିରେ ଶୁଷ୍କ ରାସାୟନିକ ପାଉଡର (ଡିସିପି) ତଥା ବହୁମୁଖୀ ଅଗ୍ନିଶମ ଟେଣ୍ଡରରେ ୧୦୦୦ କିଲୋଗ୍ରାମ ବିଶିଷ୍ଟ ଡ଼ିସିପି, ୬୦୦୦ ଲିଟର ଫୋମ୍ ଏବଂ ୩୫ କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ କ୍ଷମତାର ଅତୁଳନୀୟ ମିଶ୍ରଣ ରହିଛି। ସେହିପରି, ୧୮ ମିଟର ବୁମ୍ ଟାୱାର ସହିତ ୱାଟର ବାଉଜର ରାଜ୍ୟର ସମାନ ଧରଣର ପ୍ରଥମ ଅଗ୍ନିଶମ ଟେଣ୍ଡର ଅଟେ । ଏହାର ଅନନ୍ୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ୧୪୦୦୦ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି, ୧୮ ମିଟର ଉଚ୍ଚତା ରେ କାର ?ୟ ଦକ୍ଷତା ସହ ୩୬୦ ଡିଗ୍ରୀ ଘୂର୍ଣ୍ଣନ ଏବଂ ସୁଦୂରରୁ କାର୍ଯ୍ୟ କରିବା କ୍ଷମତା ଅନ୍ତର୍ଭୁକ୍ତ ଅଛି । ଏଥିସହିତ ଦୁଇଟି ଫୋମ୍ ଫାୟାର ଟେଣ୍ଡରରେ ୫୦୦୦ ଲିଟର ପାଣି ଟାଙ୍କି ଏବଂ ୧୦୦୦ ଲିଟର ଫୋମ୍ ଟ୍ୟାଙ୍କ କ୍ଷମତା ରହିଛି। ଜରୁରୀକାଳୀନ ପରିସ୍ଥିତିରେ ସ୍ଥାୟୀତ୍ୱ ଏବଂ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଗ୍ନିଶମ ଇଞ୍ଜିନରେ ଦୃଢ଼ ଏବଂ ଶକ୍ତିଶାଳୀ ଚେସିସ୍ ରହିଛି।

## ୨୫ରୁ ସର୍ବଭାରତୀୟ ନାଟକ ସମାରୋହ 'ମଠଖାଇ ମହୋତ୍ସବ'

ବଲାଙ୍ଗିର,୧୮/୧୨ (ନି.ପ୍ର): ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଭୂମିଳା ଓ ମଠଖାଇ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୫ ରୁ ୨୯ ତାରିଖ ପର୍ଯ୍ୟନ୍ତ ମଠଖାଇ ମହୋତ୍ସବ ହେବାକୁ ଯାଉଛି। ସ୍ଥାନୀୟ କୋସଲ କଳାମଣ୍ଡଳରେ ଦୀର୍ଘ ୫ଦିନଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଆଜି ସ୍ଥାନୀୟ ସଂସ୍କୃତି ମଣ୍ଡପଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭୂମିକାର ସଭାପତି ବୀରେନ୍ଦ୍ର ବନଛୋରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର, ଭୂମିକା ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ପାଦକ ଜିତେନ୍ଦ୍ରିୟ ତ୍ରିପାଠୀ ମଂଚାସୀନ ଥିଲେ। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଏହି ସମାରୋହକୁ ରାଜ୍ୟ ତଥା ରାଜ୍ୟ ବାହାରର ନାଟ୍ୟ ଦଳଗୁଡିକ ଆସିବେ । ଚଳିତବର୍ଷ ମୋଟ ୨ଟି କୋସଲୀ, ୨ଟି ହିନ୍ଦୀ ଏବଂ ଗୋଟିଏ ଓଡିଆ ନାଟକ ପରିବେଷଣ ହେବ ।

ପାଞ୍ଚ ଦିନ ଧରି ହେବାକୁ ଥିବା ନାଟକ ଗୁଡିକ ମଧ୍ୟରେ ଓଡ଼ିଆ ନାଟକ ମାଗୁଣିର ଶଗଡ଼, କୋସଲୀ ନାଟକ କାଉଁର ଓ ଦାମୁର, ହିନ୍ଦୀ ନାଟକ ସାତଘରିଆ ଓ ଭୂମି ରହିଛି।

ଏହି ଅବସରରେ ନାଟ୍ୟକର୍ମୀ ସନାତନ ଠାକୁର, ସନ୍ତରଣରେ ଜାତୀୟ ପଦକ ବିଜେତା ସ୍ୱରୂପ ପଟେଲ, ସାମାଜିକକର୍ମୀ ଡାକ୍ତର ଶଙ୍କର ରାମଚନ୍ଦାନୀ, ପରିବେଶ ସଂଗଠନ ଶାଗୁଆ ବଲାଙ୍ଗୀର, ବୈଜ୍ଞାନିକ ଡା ବିଜୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଚିତ୍ତରଞ୍ଜନ ଦାଶ ସୂଚନା ଦେଇଥିଲେ। ଶେଷରେ କମିଟି ଅଧ୍ୟକ୍ଷ ଶ୍ରୀ ମିଶ୍ର ମହୋତ୍ସବର ସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ।

# ତଳଦପା ସ୍କୁଲ ପାଚିକାଙ୍କ ବହିଷ୍କାର ଦାବି: ବିଇଓଙ୍କ କାର୍ଯ୍ୟାଳୟ ସାମ୍ନାର ଗଣଧାରଣା

ଭଦ୍ରକ,୧୮/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରସର ପଂଚାୟତ ଅଧୀନ ତଳଦପା ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ପାଚିକାଙ୍କ ବହିଷ୍କାର ଦାବିରେ ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ସ୍କୁଲ ପରିଚାଳନା କମିଟି (ଏସଏମସି) କର୍ମକର୍ତାମାନେ ମଙ୍ଗଳବାର ପୂର୍ବାହ୍ନରେ ତିହିଡ଼ିସ୍ଥିତ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ସାମ୍ନାରେ ଗଣଧାରଣା ଦେଇଛନ୍ତି । ସ୍କୁଲରେ ବେଆଇନ ଭାବେ ନିଯୁକ୍ତ ପାଚିକାଙ୍କୁ ବହିଷ୍କାର କରି ନୂତନ ପାଚିକା ନିଯୁକ୍ତି ଦେବା, ବେଆଇନ ପାଚିକା ନିଯୁକ୍ତି ଦେଇଥିବା ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସ୍କୁଲରେ ଶିକ୍ଷକ ନିଯୁକ୍ତି ଦାବିରେ ସେମାନେ ଧାରଣା ଦେଇଥିବା ଜଣାଯାଇଛି । ବିଇଓ ସୂର୍ଯ୍ୟଶିଖା ମହାନ୍ତି ଛୁଟିରେ ଥିବାବେଳେ ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ, ପଂଚାୟତ ସରପଂଚ ଚକ୍ରଧର ଦାସ, ସିଆରସିସି ଚନ୍ଦ୍ରଶେଖର ମୁଦୁଲି ପ୍ରମୁଖ ଗ୍ରାମବାସୀଙ୍କ ସହ ସମସ୍ୟର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ସରକାରଙ୍କ ନିୟମାନୁଯାୟୀ ପାଚିକାଙ୍କ ବଦଳି ଦିଗରେ ପଦକ୍ଷେପ ନିଆଯିବ ବୋଲି ଏବିଇଓ ଶ୍ରୀମତି ମାଝୀ ପ୍ରତିଶ୍ରୁତି ଦେଇଥିଲେ ।ପରେ ପାଚିକାଙ୍କୁ ବହିଷ୍କାର କରିବାକୁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକଙ୍କୁ ଚିଠି କରାଯାଇଥିବା ଜଣାପଡିଛି ।ମାତ୍ର ଗ୍ରାମବାସୀ ଲିଖିତ ପ୍ରତିଶ୍ରୁତି ପାଇଁ ଦାବି କରିଥିଲେ । ମାତ୍ର ଏହା ନହେବାରୁ ଧାରଣା ଅବ୍ୟାହତ ଥିବା ଜଣାଯାଇଛି । ପ୍ରକାଶ ଯେ ,ତଳଦପା ପ୍ରାଥମିକ ସ୍କୁଲରେ ନିଯୁକ୍ତି ପାଇଥିବା ପାଚିକାଙ୍କୁ କେତେକ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି । ସ୍କୁଲର ପ୍ରଧାନଶିକ୍ଷକ ତାଙ୍କୁ ବେଆଇନ ଭାବେ ନିଯୁକ୍ତି ଦେଇଥିବା ନେଇ ସେମାନେ ଜିଲାପାଳ, ବିଇଓ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ସେହି ପାଚିକାଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ । ମାତ୍ର କୌଣସି ପଦକ୍ଷେପ ନିଆ ନଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । କେତେକ ଗ୍ରାମବାସୀ ଗତ ମାସ ୧୧ ତାରିଖରେ ସ୍କୁଲକୁ ଯାଇ ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଗଣ୍ଡଗୋଳ ଉପୁଜିଥିଲା । ପରେ ଉଭୟ ପକ୍ଷରୁ ପୀରହାଟ ଥାନାରେ ଏତଲା ଦିଆଯିବା ପରେ ପୋଲିସ ୨ଟି ମକଦ୍ଦମା ରୁଜୁ କରିଥିଲା । ତେବେ ପୋଲିସ ଅଭିଯୁକ୍ତ ଗ୍ରାମବାସୀଙ୍କୁ ରାତିରେ ଗିରଫ କରିବାକୁ ତଳଦପା ଗ୍ରାମକୁ ଯାଇଥିବା ବେଳେ ଗ୍ରାମବାସୀ ପୋଲିସକୁ ୪ଘଂଟା ଅଟକ ରଖିବା ଭଳି ଘଟଣା ଘଟିଥିଲା । ତେବେ ପୋଲିସ ୨ଜଣ ଗ୍ରାମବାସୀଙ୍କୁ ଗିରଫ କରିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପୀରହାଟ ଥାନା ସାମ୍ନାରେ ଧାରଣା ଦେଇଥିଲେ । ସେହି ସମୟରେ ପୋଲିସ ଓ ଗ୍ରାମବାସୀ ମଧ୍ୟ ମୁହାଁମୁହିଁ ହେବାରୁ ଉତେଜନା ପ୍ରକାଶ ପାଇଥିଲା । ଏହି ଘଟଣା ପରେ ସ୍କୁଲରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ଓ ଅନ୍ୟ ୨ଶିକ୍ଷକ ସ୍କୁଲକୁ ଯାଇନଥିଲେ । ଏହି ପରିପ୍ରେକ୍ଷୀରେ ଅନ୍ୟଜଣେ ଶିକ୍ଷକଙ୍କୁ ସ୍କୁଲକୁ ପଠାଯାଇ ଶିକ୍ଷାଦାନ ଅବ୍ୟାହତ ରଖାଯାଇଥିଲା । ତେବେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦିଆଯିବା ପରିବର୍ତ୍ତେ ଶୁଖିଲା ଖାଦ୍ୟ ଦିଆ ଯାଇଥିଲା । ଇତିମଧ୍ୟରେ ପୂର୍ବରୁ କାର୍ଯ୍ୟରତ ୨ଜଣ ଶିକ୍ଷକ ସ୍କୁଲରେ ଯୋଗଦେଇ ଶିକ୍ଷାଦାନ କରୁଛନ୍ତି ଏବଂ ସୋମବାର ମଧ୍ୟାହ୍ନଭୋଜନ ମଧ୍ୟ ବଂଟନ ହୋଇଥିଲା । ତେବେ ସେହି ପାଚିକା ଜଣକ କାର୍ଯ୍ୟରେ ଯୋଗ ଦେବାରୁ ଗ୍ରାମବାସୀ ପୁନର୍ବାର ତାଙ୍କୁ ବିରୋଧ କରି ବିଇଓଙ୍କ କାର୍ଯ୍ୟାଳୟ ସାମ୍ନାରେ ମିଳିତ ଧାରଣା ଦିଆଯାଇଥିବା ଜଣାଯାଇଛି । ଏସଏମସି ସଦସ୍ୟ ସୁଶୀଳ ମଳିକ, ନିରାକାର ମଳିକ, ନାରାୟଣ ଚନ୍ଦ୍ର ମଳିକ, ଶୀତୟା ମଳିକ, ପ୍ରତିମା ମଳିକ, ସୁବାସିନୀ ମାଝୀ, ଲିପି ଦାସ, ଗ୍ରାମ ପରିଚାଳନା କମିଟି ସଭାପତି ଯଦୁନାଥ ମଳିକ, କର୍ମକର୍ତା ଆଲୋକ ବେହେରା, ମାନଗୋବିନ୍ଦ ମଳିକ, ଦେବେନ୍ଦ୍ର ମଳିକ, ଅଲେଖ ମଳିକଙ୍କ ସମେତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଧାରଣାରେ ସାମିଲ ହୋଇଛନ୍ତି । ତେବେ ପାଚିକାଙ୍କୁ ବେଆଇନ ନିଯୁକ୍ତି ଦିଆ ଯାଇଥିବା ଅଭିଯୋଗର ତଦନ୍ତ ପାଇଁ ଏବିଇଓ ଶ୍ରୀମତୀ ମାଝୀ ଓ ବୋଡ଼କ ନାୟକଣୀ ସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସେହି ସ୍କୁଲକୁ ଯାଇଥିଲେ ।

## ଘଟଗାଁ ସମିତି ସଭ୍ୟ ପରିବାର ବାର୍ଷିକ ବୈଠକ

କେନ୍ଦୁଝର,୧୮/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ସମିତି ସଭ୍ୟ/ସଭ୍ୟା ପରିବାରର ବାର୍ଷିକ ବୈଠକ ଆଜି ସୁନାଟାଙ୍ଗିରୀସ୍ଥିତ ପକା ପାହାଡି ମଠ ଓ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମିତି ସଭ୍ୟ ସଭ୍ୟା ପରିବାର ସଭାପତି ବସନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ବିରଂଚି କୁମାର ବେହେରା,ଘଟଗାଁ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ଉପାଧ୍ୟକ୍ଷ ଯଦୁମଣି ନାଏକ ପ୍ରମୁଖ ଯୋଗଦେଇଥିଲେ। ସମିତି ସଭ୍ୟ ସଭ୍ୟା ପରିବାର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ଓ ସ୍ଥିତାବସ୍ଥା, ଘଟଗାଁ ବ୍ଲକର ବିଭିନ୍ନ ସମସ୍ୟା ଓ ତା'ର ତ୍ୱରିତ ସମାଧାନ, ପାଟେଶ୍ୱର ମହାଦେବ ପୀଠ ତଥା ପକା ପାହାଡି ମଠ ଓ ପାର୍କର ଉନ୍ନତିକରଣ ତଥା ଜିଲ୍ଲା ପର୍ଯ୍ୟଟନ ସ୍ଥଳର ମାନ୍ୟତା, ଆସନ୍ତା ଜାନୁଆରୀ ୪ ତାରିଖ ଚିକିଣିଆ ଜିଲ୍ଲା ପାର୍କରେ ଜିଲ୍ଲା ସମିତି ସଭ୍ୟ ସଭ୍ୟା ପରିବାରର ବାର୍ଷିକ ଉତ୍ସବ ଆୟୋଜନ ନେଇ ଆଲୋଚନା କରାଯାଇଥିଲା।

# ନୀଳଗିରି କ୍ରିକେଟଲିଗ୍ ସିଜିନ୍ -୫ ଉଦ୍ଘାଟନୀ ମ୍ୟାଚରେ ଫାଇଭ ଏସ ଫାଇଟରସ ବିଜୟୀ

ନୀଳଗିରି,୧୮/୧୨ (ନି.ପ୍ର): ଆଜି ନୀଳଗିରି କ୍ରିକେଟଲିଗ୍ ସିଜନ -୫ ର ଆନୁଷ୍ଠାନିକ ଉଦ୍ଘାଟନକୁ ମୁଖ୍ୟଅତିଥି ସ୍ଥାନୀୟ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମକେଶରୀ ପରିଡା ଏବଂ ନୀଳଗିରି ଉପଖଣ୍ଡ ପୋଲିସଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ମିଳିତଭାବେ ଟ୍ରଫି ଉନ୍ମୋଚନ କରିବାସହିତ ପ୍ରଥମ ଦିନର ଖେଳକୁ ଫିତାକାଟି ଉଦଘାଟନ କରିଥିଲେ।ଆଜିର ପ୍ରଥମ ମ୍ୟାଚ୍ ଫାଇଭ ଏସ ଫାଇଟରସ ଓ ମହାବୀର ୟୁନାଇଟେଡ ମଧ୍ୟରେ ଖେଳାଯାଇଥିଲା। ମହାବୀର ୟୁନାଇଟେଡ ଟସ୍ ଜିତି ପ୍ରଥମେ ବୋଲିଂପାଇଁ ନିଷ୍ପତ୍ତି ନେଇଥିବାବେଳେ ଫାଇଭ ଏସ ଫାଇଟରସ ବ୍ୟାଟିଂକରି ୧୨ଓଭରରେ ୮ ୱିକେଟ୍ ହରାଇ ୧୧୫ ସଂଗ୍ରହ କରିଥିଲା। ପରେ ମହାବୀର ୟୁନାଇଟେଡ ୧୨ ଓଭରରେ ୮ୱିକେଟ ହାରାଇ ୧୧୧ରନ ସଂଗ୍ରହକରିବାକୁ ସକ୍ଷମ ହୋଇଥିଲା। ଫଳରେ ଫାଇଭ ଏସ ଫାଇଟରସ ୪ରନରେ ବିଜୟଲାଭ କରିଥିଲା।ଫାଇଭ ଏସ ଫାଇଟରସ ତରଫରୁ ରଶ୍ମିରଞ୍ଜନ ରାଉତ ବ୍ୟକ୍ତିଗତ ୩୧ରନ କରିବା ସହିତ ୨ଗୋଟି ମୂଲ୍ୟବାନ ୱିକେଟ୍ ନେଇ 'ମ୍ୟାନ ଅଫ ଦି ମ୍ୟାଚ୍ 'ବିବେଚିତ ହୋଇଛନ୍ତି।ଜଗନ୍ନାଥ ଦାସ୍ ଏବଂ ଦେବାଶିଷ ବେହେରା ଆଜିର ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରରରେ କିରଣ ଖୁଣ୍ଟିଆ ,ତାପସ ଦେଶମୁଖ ସହଯୋଗ କରିଥିଲେ। ଅପରାହ୍ନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବବିଜେଡି ସଭାପତି ତାପସ ପରିଡା ଯୋଗଦେଇ ମ୍ୟାନ ଅଫ ଓଫ୍ ଦି ମ୍ୟାଚ୍ ଖେଳାଳୀକୁ ପୁରସ୍କୃତ କରିବାସହିତ ଉପସ୍ଥିତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଶୃଙ୍ଖଳିତଭାବେ ଶେଷ ହୋଇଥିବାରୁ ଏନ.ସି.ଏଲର ସଭାପତି ସୁମନ ଦାସ , ବିବେକ ସାହୁ, ଆଦର୍ଶଗୌରବ ଦାସ, ସତ୍ୟଜିତ ପ୍ରଧାନ, ଅଶ୍ୱନୀ ପାତ୍ର, ଲୋକନାଥ ମିଶ୍ର, ଶୁଭ୍ରାଂଶୁଶେଖର ନନ୍ଦ, ସନ୍ତୋଷ ସାହୁ, ସୁନୀଲ ମଡେଇ, ସୁଶାନ୍ତ ସେନାପତି ପ୍ରମୁଖ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସରକାରୀ କର୍ମଚାରୀ ସଂଘର ବସ୍ତା ଶାଖା ତରଫରୁ ପେନସନ ଦିବସ ପାଳିତ

ବସ୍ତା,୧୮/୧୨ (ନି.ପ୍ର): ସମଗ୍ର ଦେଶ ରେ ଆଜି ପେନସନ ଦିବସ ପାଳନ କରୁଥିବା ସ୍ଥଳେ ବସ୍ତା ଅବସର ପ୍ରାପ୍ତ କର୍ମଚାରୀ ସଂଘ ଏସ ବି ଏ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇ ଅଛି । ପ୍ରଥମେ ସଂଘର ସଭାପତି ଶିଶିର କୁମାର ରଥ ପତକା ଉତ୍ତୋଳନ କରି ସଭାକାୟ୍ୟ ଆରଭ ପୂର୍ବରୁ ସ୍ୱର୍ଗତ ବନମାଳୀ ଦାସଙ୍କପାଇଁ ଶୋକ ପ୍ରସ୍ତାବ ଆଗତ ହୋଇ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରୀରଥ ସ୍ୱାଗତ ଭାଷଣରେ ଦିବସର ଲକ୍ଷ୍ୟ ଓ ତାତ୍ ପଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। କାୟ୍ୟକାରୀ ସଭାପତି ଗଗନ ବିହାରୀ ଯେନା ସଂଘର କାଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ ସଂପାଦକ କୁମୁନ୍ଦ ରଞ୍ଜନ ଗିରି ବିବରଣୀ ପାଠ କରିଥିଲେ ଉପଦେଷ୍ଟା ଶଙ୍କର କୁମାର କର ଜଗନ୍ନାଥ ମାଝୀ ଅଚ୍ୟୁତ ଗନ୍ତାୟତ ସଂଗଠନ ସଂପାଦକ ଶ୍ରୀପତି ଚରଣ ପାତ୍ର କମଳାକାନ୍ତ ବେହେରା ମଧୁସୂଦନ ସାହୁ ହରେକୃଷ୍ଣ ବେହେରା ବିଜୟ ଘୋଷ ସୀତାକାନ୍ତ ବେହେରା ପ୍ରମୁଖ ବ୍ୟକ୍ତବ୍ୟ ରଖି ସଂଘକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମଳୟ ନନ୍ଦ ଅରୁଣ କୁମାର ଦାସ ବନ୍ଦନା ପାଳ ସହଯୋଗ କରିଥି ସହ ସଂପାଦକ ଜୟକୃଷ୍ଣ ଗିରି ଧନ୍ୟବାଦ ଦେଇଥିଲେ। ଆଗତ ଦାବୀ ତୁରନ୍ତ ଅଷ୍ଟମ ବେତନ କମିଶନ ଲାଗୁ ବସ୍ତା ବ୍ୟାଙ୍କ ଅଫ ଇଣ୍ଡିଆ ସାଖା ଦୈନିକ ପାସ ବୁକ ପ୍ରିଣ୍ଟିଙ୍ଗ ଓ ପେନସନ ଭୋଗୀ ତଥା ବରିଷ୍ଠ ନାଗରିକଙ୍କ ପାଇଂ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଉ ବୋଲି ସିଧ୍ୟାନ୍ତ ନିଆଯାଇଥିଲା ।

# ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଜାନୁଆରୀ ୧୧ ତାରିଖରେ ବିଶାଳ ପଥ ଉତ୍ସବ ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ'ର ଆୟୋଜନ

ରାଉରକେଲା,୧୮/୧୨ (ନି.ପ୍ର): ଆସନ୍ତା ୨୦୨୬ ଜାନୁଆରୀ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ – ୨୦୨୬ର ପ୍ରଚାରପ୍ରସାର କାର୍ଯ୍ୟକ୍ରମ ରୂପେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ୨୦୨୬ ଜାନୁୟାରୀ ୧୧ ତାରିଖରେ ଆମ୍ବାଗାନ ଗୁଣ୍ଡିଚା ମନ୍ଦିର ଛକ ଠାରୁ ସେକ୍ଟର ୪ ମଧୁବନ ଛକ ରାସ୍ତା ମଧ୍ୟରେ ପୂର୍ବାହ୍ନ ୭.୦୦ ଘଟିକାରୁ ୧୧ ଘଟିକା ମଧ୍ୟରେ ଏକ ବିଶାଳ ପଥ ଉତ୍ସବ ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ'ର ଆୟୋଜନ କରିବାକୁ ଯାଉଛି। ଉଲ୍ଲେଖନୀୟ ଯେ ୨୦୨୬ ଜାନୁଆରୀ ୨୪ ତାରିଖରେ ଆରଏସପି ଦ୍ୱାରା ଆୟୋଜିତ ହେବାକୁ ଥିବା ମେଗା ହାଫ୍ ମାରାଥନର ବିଷୟବସ୍ତୁ 'ସମୃଦ୍ଧି ପାଇଁ ଦୌଡ଼' ରହିଛି ଏବଂ ଏହା ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ସମସ୍ତ ଲୋକଙ୍କୁ ନେଇ ଏକ ସମବେଶୀ କାର୍ଯ୍ୟକ୍ରମ ହେବାକୁ ଉଦ୍ଦିଷ୍ଟ ରହିଛି । 'ଏକତା ମହୋତ୍ସବ' ରାଉରକେଲାର କଳାତ୍ମକ ଏବଂ କ୍ରୀଡା ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟକ୍ତି/ସାଂସ୍କୃତିକ ଗୋଷ୍ଠୀ/ ସାମାଜିକ ସଂଗଠନ/ଶିକ୍ଷାନୁଷ୍ଠାନ ଇତ୍ୟାଦି ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ନୃତ୍ୟ, ସଙ୍ଗୀତ, ରଙ୍ଗୋଲି, ମେହେନ୍ଦି, ଫେସ୍ ଆର୍ଟ, ଯୋଗ, ଜୁମ୍ବା, ଫ୍ୟାଶନ୍ ଶୋ (ଟିମ୍ ଇଭେଣ୍ଟ), ଫ୍ୟାନ୍ସି ଡ୍ରେସ୍ (ଟିମ୍ ଇଭେଣ୍ଟ), ପାରମ୍ପରିକ ପୋଷାକ, ଖାଦ୍ୟ ସାମଗ୍ରୀ, କିମ୍ବା ଅନ୍ୟ କୌଣସି ସାଂସ୍କୃତିକ କିମ୍ବା କ୍ରୀଡ଼ା ପ୍ରତିଭା ଯାହା ସେମାନେ ପ୍ରଦର୍ଶନ କରିବାକୁ ଚାହାଁନ୍ତି, ସେମାନଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବାକୁ ନିମନ୍ତ୍ରଣ କରାଯାଇଛି। କାର୍ଯ୍ୟକଳାପ ପାଇଁ ପ୍ରତ୍ୟେକ ଅଂଶଗ୍ରହଣକାରୀ/ ଗୋଷ୍ଠୀଙ୍କୁ ବିଦ୍ୟୁତ୍ ସଂଯୋଗ ସହିତ ନିର୍ଦ୍ଦିଷ୍ଟ ସ୍ଥାନ ବଣ୍ଟନ କରାଯିବ।

ସୀମିତ ସଂଖ୍ୟକ ଷ୍ଟଲ ନିର୍ମାଣ କରାଯିବ ଏବଂ ଅଂଶଗ୍ରହଣକାରୀମାନଙ୍କୁ ମଜାଦାର କାର୍ଯ୍ୟମ / ଖେଳ ଶୋ ଆୟୋଜନ କରିବା କିମ୍ବା ଖାଦ୍ୟ ସାମଗ୍ରୀ, କଳା, ହସ୍ତଶିଳ୍ପ, ଚିତ୍ରକଳା ଇତ୍ୟାଦି ବିକ୍ରୟ କରିବା ପାଇଁ ମାଗଣାରେ ଉପଲବ୍ଧ କରାଯିବ। ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଷ୍ଟଲ / କିଓସ୍କରେ ପ୍ରଦର୍ଶନ ପାଇଁ ନିଜର ଉପକରଣ ଆଣିବାକୁ ପଡିବ ଏବଂ ନିଜର ଖର୍ଚ୍ଚରେ ପ୍ରଦର୍ଶନ / ଉପସ୍ଥାପନା / ପରିବହନ କରିବାକୁ ପଡିବ। ଶ୍ରେଷ୍ଠ ଉପସ୍ଥାପକଙ୍କୁ ବିଭିନ୍ନ ବର୍ଗରେ ବିଭିନ୍ନ ପୁରସ୍କାର ପ୍ରଦାନ କରାଯିବ। ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ କୌଣସି ପ୍ରବେଶ ଶୁଳ୍କ ନାହିଁ । ଅଂଶଗ୍ରହଣ କରିବାକୁ ଆଗ୍ରହୀ ବ୍ୟକ୍ତି / ଗୋଷ୍ଠୀ / ଅନୁଷ୍ଠାନଗୁଡିକ ନିମ୍ନଲିଖିତ ସୂଚନା ସହିତ ସେମାନଙ୍କର ଏଣ୍ଟ୍ରି ଦାଖଲ କରିବା ଆବଶ୍ୟକ: ୧. ବ୍ୟକ୍ତିଗତ / ଗୋଷ୍ଠୀ / ଅନୁଷ୍ଠାନର ନାମ: ୨. କାର୍ଯ୍ୟକ୍ରମ ଯୋଜନା, ୩. ଅଂଶଗ୍ରହଣକାରୀ ସଂଖ୍ୟା, ୪. ବ୍ୟକ୍ତିଙ୍କ ନାମ ଏବଂ ମୋବାଇଲ୍ ନଂ: ମେଲ ମାଧ୍ୟମରେ ଏଣ୍ଟ୍ରି ଗୁଡିକ **ektamahotsav.rsp@gmail.com** କିମ୍ବା ହ୍ୱାଟ୍ସଆପ୍ ନଂ: ୮୮୯୫୫୦୧୧୦୨ କିମ୍ବା ୮୮୯୫୫୦୪୭୫୧ ପଠାଯାଇପାରିବ। ଏଣ୍ଟ୍ରି ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୨୫ ତାରିଖ ରହିଛି । ସୀମିତ ସଂଖ୍ୟାରେ ଷ୍ଟଲ ଥିବା ପରିପ୍ରେକ୍ଷୀରେ ଅଧିକ ସଂଖ୍ୟାରେ ଆବେଦନ ସ୍ଥଳେ ପ୍ରଥମେ ପଞ୍ଜୀକରଣ କରାଇଥିବା ପ୍ରବେଶିକାଗୁଡିକ ଅନୁକ୍ରମରେ ଷ୍ଟଲ ପ୍ରଦାନ କରାଯିବ। ଜାନୁୟାରୀ ୧୦ ତାରିଖ ଅପରାହ୍ନରେ ସ୍ଥାନଗୁଡିକ ବଣ୍ଟନ କରାଯିବ। ମହୋତ୍ସବ ସ୍ଥାନରେ ସାମଗ୍ରୀ ପରିବହନକୁ ଜାନୁୟାରୀ ୧୧ ତାରିଖରେ ପୂର୍ବାହ୍ନ ୭ ଘଟିକା ପର୍ଯ୍ୟନ୍ତ ଅନୁମତି ଦିଆଯିବ।

# ବିଶାଳ ଚକ୍ଷୁ ଚିକିତ୍ସା ଚିକିତ୍ସା ଶିବିର



ବଡ଼ସାହି,୧୮/୧୨ (ନି.ପ୍ର): ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ବିଜିପୁର ,ମାନଗୋବିନ୍ଦପୁର, ମାଣଡ୍ରୀ ଠାରେ ଆୟୋଜିତ ବିଶାଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଥିଲା, ଏଥିରେ ୯୫ ଜଣ ଗରିବ ଗ୍ରାମୀଣ ଲୋକ ମାନଙ୍କର ମାଗଣା ଆଖି ପରୀକ୍ଷା କରାଯିବା ସହିତ ୧୫ ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ଏବଂ ୧୦୦ ଜଣ ଗରିବ, ଅସହାୟ, ଲୋକମାନଙ୍କୁ ଅସହ୍ୟ ଶୀତ ଲହରୀ ପାଇଁ ପରେଶ ଦଳେଇ, ଦେବବ୍ରତ ରଥ, ନୀଳମାଧବ ବସ୍ ର ମାଲିକ ଚିଲନନାଙ୍କ ଦ୍ୱାରା ପୁଣିଥରେ କମ୍ବଳ ବଣ୍ଟନ କରାଯାଇଥିଲା। ବହୁ ଦୂରଦୂରାନ୍ତ ଆସିଥିବା ବୁଢ଼ାବୁଢ଼ୀ ମାନଙ୍କୁ ସକାଳ ଚା ବିସ୍କୁଟ ଏବଂ ଲଡୁ ବଣ୍ଟନ କରାଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଏବଂ ସର୍ବେଶ୍ୱର ଜେନା ଙ୍କ ସହିତ ସମସ୍ତ ପୁରୁଷ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିୟମିତ ଭାବେ ବହୁ ସେବା ମୂଳକ ଜନ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା ଅନୁଷ୍ଠାନଟି ବଡ଼ସାହି ବ୍ଲକ ସ୍ତରରେ ଅଗ୍ରଣୀ ଭୂମିକା ନେଇ ଆଗେଇ ଚାଲିଛି। ଏଥିପାଇଁ ଜନସାଧାରଣ ଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଏଥିମଧ୍ୟରୁ ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ସଭାପତି ଏବଂ ସମ୍ପାଦକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଜଣାଇଛନ୍ତି।

# ପାଗଳା ଗଧିଆ ଆକ୍ରମଣରେ ୬ ଆହତ

ଧର୍ମଶାଳା,୧୮/୧୨ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପଂଚାୟତରେ ଗଧିଆ ଆତଙ୍କ । ପାଗଳା ଗଧିଆ କାମୁଡାରେ ୬ ଜଣ ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳି ଯାଇଛି । ତେବେ ଗ୍ରାମବାସୀ ଗଧିଆକୁ କାବୁ କରି ଥିବା ଜଣାପଡିଛି । ମଙ୍ଗଳପୁର ପଂଚାୟତସ୍ଥ ବାଙ୍କସାହି ଗ୍ରାମର ପରମାନ୍ଦ ସାହୁଙ୍କ ଧର୍ମ ପତ୍ନୀ, କାର୍ତ୍ତିକ ନାୟକଙ୍କ ଧର୍ମପତ୍ନୀ, ନରେନ୍ଦ୍ର ଲେଙ୍କାଙ୍କ ନାତି, ନିରୁଆ ନାୟକ ଓ ମଙ୍ଗଳପୁର ଗ୍ରାମର କୁଶ ପରିଡା ପ୍ରମୁଖ ଆକ୍ରଣର ଶିକାର ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି ।

# ଚା’ ପିଇଲେ ମୁଣ୍ଡ ବିନ୍ଧା କମେ: ସତ ନା ମିଛ ?



‘ମୁଣ୍ଡଟା କାହିଁକି ବିନ୍ଧୁଛି... ସକାଳେ ଚା’ ପିଇନି ଆଉ, ସେଥିପାଇଁ ମୁଣ୍ଡ ବିନ୍ଧୁଛି।‘ ଅନେକ ଲୋକ ଏପରି କହୁଥିବାର ଶୁଣିଥିବେ, କିମ୍ବା ଆପଣ ଯଦି ଜଣେ ଚା’ ଅଭ୍ୟାସୀ, ତେବେ ଏପରି ଅନୁଭବ କରିଥିବେ ନିଶ୍ଚୟ। ଚା’ ପିଇବା ଅଭ୍ୟାସ ଏବଂ ମୁଣ୍ଡବିନ୍ଧା ମଧ୍ୟରେ କଣ ସତରେ ସାମଞ୍ଜସ୍ୟ ରହିଛି, ବାସ୍ତବରେ କଣ ଚା’ ନ ପିଇଲେ ମୁଣ୍ଡ ବିନ୍ଧେ, ଜାଣନ୍ତୁ ଏହା ପଛର ବିଜ୍ଞାନଗତ କାରଣ...

ମୁଣ୍ଡବିନ୍ଧା ଦୂର କରେ କି ଚା’ ?:

ବିଶେଷଜ୍ଞଙ୍କ କହିବା ଅନୁସାରେ, ମୁଣ୍ଡବ୍ୟଥା ଚିକିତ୍ସା ଏବଂ ଚା’ ପିଇବା ମଧ୍ୟରେ ସେପରି କୌଣସି ପ୍ରତ୍ୟକ୍ଷ ପ୍ରମାଣ ନହିଁ, ବେଳେ ବେଳେ ମୁଣ୍ଡବ୍ୟଥାର କାରଣ ଡିହାଇଡ୍ରେସନ୍ ହୋଇ ଥାଇପାରେ।

ସେହିପରି ଅନ୍ୟ ଜଣେ ସ୍ନାୟୁବିଜ୍ଞାନୀ ଡାକ୍ତର କହିଛନ୍ତି, ଚା ନାଜାଲ ସାଇନସେସ୍ (ନାକର ସାଇନସରେ ଆଲର୍ଜି କିମ୍ବା କୌଣସି ଜମାକୁ) ସଫା କରିପାରେ ଏବଂ ସାଇନସିଟ୍ସ କାରଣରୁ ହେଉଥିବା ମୁଣ୍ଡବ୍ୟଥାରୁ ଆରାମ ଦେଇପାରେ। ଏଥିପାଇଁ ଚା’ ପିଇବା ପରେ ମୁଣ୍ଡବ୍ୟଥା କମିଗଲା ବୋଲି ଲାଗେ।

ଚା’ ମୁଣ୍ଡବ୍ୟଥା ଦୂର କରିବାର ଆଉ ଏକ କାରଣ ହେଉଛି, ଏଥିରେ ବ୍ଲାକ୍ ଟି ଥାଏ, ଯେଉଁଥିରେ କଫିନ୍ ରହିଥାଏ, ଆଉ ଏହି କଫିନ ମୁଣ୍ଡବିନ୍ଧାରୁ ଆରାମ ଦେଇଥାଏ। କଫିନ୍ ରକ୍ତ ନଳୀକୁ ସଙ୍କୁଚିତ କରିପାରେ, ସମ୍ଭବତଃ ମୁଣ୍ଡବିନ୍ଧାର ଲକ୍ଷଣକୁ ହ୍ରାସ କରିପାରେ।

ଏକ କପ୍ (୧୫୦ ମିଲି) ବ୍ରୁଡ୍ କଫିରେ ୮୦-୧୨୦ ମିଲିଗ୍ରାମ କଫିନ୍, ଇନଷ୍ଟାଣ୍ଟ କଫିରେ ୫୦-୬୫ ମିଲିଗ୍ରାମ ଏବଂ ଚାରେ ୩୦-୬୫ ମିଲିଗ୍ରାମ କଫିନ୍ ଥାଏ। ତଥାପି ଚା ପିଇବା ପରେ ସମସ୍ତେ ମୁଣ୍ଡବ୍ୟଥା କମିଯିବା ଅନୁଭବ କରନ୍ତି ନାହିଁ। ଏହାର ପ୍ରଭାବ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଦେଖାଯାଏ। ଚା ପିଇବା ପରେ ମୁଣ୍ଡବ୍ୟଥା କମିଯିବାର ମୁଖ୍ୟ କାରଣ ହେଉଛି ଏଥିରେ ମିଶୁଥିବା ସାମଗ୍ରୀ, ଯେପରିକି ଅଦା, ଅଳେଇଚ ଏବଂ ଡାଲଚିନି ଗୁଣ୍ଡ।

ଚା ପିଇବାର ଉପଯୁକ୍ତ ସମୟ: ଓଡଗଜ ଗାଇଡଲାଇନ ଅନୁସାରେ, ଖାଇବାର ଘଣ୍ଟାଏ ପୂର୍ବରୁ ଏବଂ ପରେ ଚା କିମ୍ବା କଫି ଆଦୌ ପିଇବା କଥା ନୁହେଁ। କାରଣ ଏଥିରେ ଟେନିନ୍ ନାମକ ଏକ ଉତ୍ତେଜକ ରହିଥାଏ। ଏହି ଟେନିନ୍ ଶରୀରରେ ଆଇରନ(ଲୌହ) ଅବଶୋଷଣରେ ବାଧା ସୃଷ୍ଟି କରିପାରେ। ଆଇରନ ଅଭାବରେ ରକ୍ତହୀନତା ହୋଇପାରେ। ସେହିପରି ଶୋଇବା ପୂର୍ବରୁ ମଧ ଚା’ ଓ କଫି ଆଦୌ ପିଇବା ଉଚିତ୍ ନୁହେଁ, କାରଣ ଏହି କାରଣରୁ ପରଦିନ ସକାଳେ ଅନିଦ୍ରା ଏବଂ ମୁଣ୍ଡବିନ୍ଧାର କାରଣ ହୋଇପାରେ। ଟେନିନ୍ ମଧ ଅନେକ ଲୋକଙ୍କ ମାଇଗ୍ରେନର କାରଣ ହୋଇଥାଏ। କଫିନ୍ ଧାରଣ କରିଥିବା ଚା’ କେବଳ ମୁଣ୍ଡ ବିନ୍ଧାଏନି, ବରଂ ଥକ୍କାପଣର କାରଣ ହୋଇପାରେ। ତେଣୁ, କପେ ଗରମ ଚା’ ଯେ ମୁଣ୍ଡବ୍ୟଥାକୁ ଦୂର କରିଦେବ ଏପରି ଭାବନ୍ତୁ ନାହିଁ। ଅତ୍ୟଧିକ ଚା’ ପିଇବା ଦ୍ୱାରା ଶୋଷ ଲାଗିନଥାଏ, ଫଳରେ ପାଣି ପିଇବା କମ୍ ହୋଇଯିବାରୁ ହରମୋନାଲ୍ ପରିବର୍ତ୍ତନ ହୋଇପାରେ। ଶରୀରରେ ହରମୋନର ଅସନ୍ତୁଳନର ନାନା ରୋଗର କାରଣ ହୋଇଥାଏ। ତେଣୁ ସେ ଖାଦ୍ୟ ହେଉ କିମ୍ବା କୌଣସି ପାନୀୟ, କାହାକୁ ନିଶାରେ ପରିଣତ କରନ୍ତୁ ନାହିଁ, ସବୁର ଏକ ସନ୍ତୁଳନ ବଜାୟ ରଖନ୍ତୁ।

# ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ’ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ବା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

# ଶିଶୁ ଠିକ୍‌ରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ’ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା’ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା’ ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ ନିଜେ ଖାଇବା ଶିଖିବ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଛା ହୁଏ ନାହିଁ:* ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ। ସ୍ତନରେ ଇନ୍‌ଫେକ୍‌ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଛା କରେ ନାହିଁ।



*ସ୍ତନ୍ୟପାନ କରାଇବାକୁ କାହିଁକି ଇଛା ହୁଏ ନାହିଁ:* ଯଦି ମାଆର ସି ସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

*କଙ୍ଗାରୁ ଯତ୍ନ ବ୍ୟବସ୍ଥା କ’ଣ:* ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା’ ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରି ମ୍ୟାଚୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

*ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ:* ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

*କ୍ଷୀର ପରିମାଣ ବୃଦ୍ଧି ପାଇଁ:* ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

*ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ:* ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

*ଶିଶୁର ପ୍ରଥମ ପୋଷଣ:* ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା’କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା’ ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।



*ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ:* ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ। ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

*ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ:* ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

*ମାଆମାନେ ଅଫିସ ଯାଉଥିଲେ କ’ଣ କରିବେ:* ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

# ଗଜା ମୁଗର ଫାଇଦା; ଚର୍ମକୁ କରେ ଚିକ୍କଣ, ହୃଦୟକୁ ରଖେ ସୁସ୍ଥ

**ପ୍ରକୃତିରୁ ମିଳୁଥିବା ଏପରି କିଛି ଖାଦ୍ୟ ଅଛି, ଯାହାକୁ କଞ୍ଚା କିମ୍ବା ଗଜା କରି ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଅନେକ ସୁପ୍ରଭାବ ପଡ଼ିଥାଏ। ସେଥି ମଧ୍ୟରୁ ଗଜା ମୁଗ ଅନ୍ୟତମ। ଏଥିରେ ଫୋଲେଟ୍, ଭିଟାମିନ୍ ଇ୬, ଆଇରନ୍ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ଖଣିଜ ପଦାର୍ଥ ଭରପୂର ପରିଣାରେ ଥାଏ। ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ କି କି ସୁପ୍ରଭାବ ପଡ଼େ, ଜାଣନ୍ତୁ...**



ହଜମ ପ୍ରକ୍ରିୟାରେ ଉନ୍ନତି ଆସେ: ପ୍ରତିଦିନ ସକାଳେ ଗଜା ମୁଗ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ସହଜ ହୋଇଥାଏ। ଏଥିସହ ପେଟ ଫୁଲା ଏବଂ କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରିବାରେ ମଧ ଗଜାମୁଗ ସହାୟକ ହୋଇଥାଏ।

ପ୍ରୋଟିନ ମିଳେ: ଗଜା ମୁଗରେ ଭରପୂର ପରିମାଣରେ ପ୍ରୋଟିନ ଥାଏ। ଗଜା ମୁଗ ଖାଇବା ଦ୍ୱାରା ମାଂସପେଶୀ ବୃଦ୍ଧି ହେବା ସହ କୋଷ ତିଆରି ହୋଇଥାଏ। ବିଶେଷ କରି ଶାକାହାରୀ ଲୋକଙ୍କ ପାଇଁ ଏହା ବେଶ୍ ଉପକାରୀ।

ଓଜନ ହ୍ରାସ: ଗଜା ମୁଗରେ ଥିବା ଫାଇବର ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ। ଅର୍ଥାତ୍ ଗଜା ମୁଗ ଖାଇବା ଦ୍ୱାରା ବିଶେଷ ଭୋକ ଲାଗିନଥାଏ। ଏହା ଦ୍ୱାରା ବାରମ୍ବାର ଖାଇବାକୁ ଇଚ୍ଛା ହୋଇନଥାଏ। ଫଳରେ ଓଜନ ପରିଚାଳନା ସହଜ ହୋଇଥାଏ।

ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ: ଗଜା ମୁଗରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଫଳରେ ମଧୁମେହ ଆଶଙ୍କା ହ୍ରାସପାଏ। ମଧୁମେହ ରୋଗୀ ମଧ ଗଜା ମୁଗ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ।

ଚର୍ମ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଜିଙ୍କ, ଭିଟାମିନ୍ ସି ଏବଂ ମିନେରାଲ୍ସର ଏକ ଉତ୍ତମ ଉତ୍ସ ହେଉଛି ଗଜା ମୁଗ। ତେଣୁ ଗଜା ମୁଗ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ବ୍ରଣ ସମସ୍ୟା ଦୂର ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତି : ଗଜା ମୁଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ। ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ସହ ସଂକ୍ରମଣକୁ ରୋକିବାରେ ସହାୟକ ହୋଇଥାଏ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆସେ: ଗଜା ମୁଗରେ ଚର୍ବି କମ୍ ଏବଂ ପୋଟାସିୟମ୍ ଭରପୂର ଥାଏ, ଯାହା ରକ୍ତଚାପକୁ ହ୍ରାସ କରିବାରେ ଏବଂ ହୃଦରୋଗର ଆଶଙ୍କାକୁ କମାଇବାରେ ସାହାଯ୍ୟ କରିଥାଏ।

ଶରୀରକୁ ଡିଟକ୍ସିଫାଏ କରେ: ନିୟମିତ ଗଜା ମୁଗ ଖାଇବା ଦ୍ୱାରା ଶରୀର ଡିଟକ୍ସିଫାଏ ହୋଇଥାଏ। ଅର୍ଥାତ୍ ଶରୀରରୁ ବିଷାକ୍ତ ପଦାର୍ଥ ନିଷ୍କାସିତ ହୋଇଯାଏ। ଏହା ଦ୍ୱାରା କିଡନୀ ଏବଂ ଯକୃତ ସୁସ୍ଥ ରହିଥାଏ।

ଶକ୍ତି ସ୍ତର ବୃଦ୍ଧି ହୁଏ: ଗଜା ମୁଗ ଖାଇଲେ ଶରୀରକୁ ଏନର୍ଜି ମିଳେ। ଅର୍ଥାତ୍ ଶରୀରର ଶକ୍ତି ସ୍ତର ବୃଦ୍ଧି ପାଇଥାଏ। ଫଳରେ ଦୁର୍ବଳ ଲାଗେନାହିଁ।

# ଗଣ୍ଠିବାତରୁ ରକ୍ଷା କରିବ ଅମୃତଭଣ୍ଡା ଜୁସ୍



ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ଆଣ୍ଠୁଗଣ୍ଠିବାତ ଏକ ସାଧାରଣ ରୋଗ ପାଲଟିଛି। ଘରେ ଘରେ ଏବେ ଏହି ସମସ୍ୟା। କିନ୍ତୁ ଏହାକୁ ଅଣଦେଖା ନକରି ଉଚିତ୍ ଯତ୍ନ ନେଲେ ଆରୋଗ୍ୟ ସୁନିଶ୍ଚିତ। ତାହିଁଲେ ଆପଣ ଏହାକୁ ଘରେ ବସି ଖୁବ୍ ସହଜ ଓ ସରଳ ଉପାୟରେ ଭଲ କରିପାରିବେ। ଏଥିପାଇଁ ଆପଣଙ୍କୁ କଂଚା ଅମୃତଭଣ୍ଡାର ଜୁସ୍ ସେବନ କରିବାକୁ ପଡ଼ିବ। ଗଣ୍ଠି ସମସ୍ୟା ଖୁବ୍ ଯନ୍ତ୍ରଣାଦାୟକ ହୋଇଥାଏ। କେତେବେଳେ ହାତ ବିନ୍ଧିଥାଏ ତ କେବେ ଗୋଡ଼ରେ ଯନ୍ତ୍ରଣା ଅନୁଭୂତ ହୁଏ। ନଚେତ୍ ସର୍ବଦା ଥକ୍କାପଣ, ଅନିଦ୍ରା ଓ ମାଂସପେଶୀ ଜନିତ ଯନ୍ତ୍ରଣା ଭୋଗିବାକୁ ପଡ଼େ। ଶରୀରରେ ଏଷ୍ଟ୍ରୋଜେନ୍ ଅଭାବରୁ ଏହି ସମସ୍ୟା ଉପୁଜିଥାଏ। ଏହା ଅଧିକାଂଶ ମହିଳାଙ୍କ ନିକଟରେ ଦେଖିବାକୁ ମିଳେ। ଥାଇରଏଡ଼ କାରଣରୁ ମଧ୍ୟ ଗଣ୍ଠି ବିନ୍ଧା ସମସ୍ୟା ଉପୁଜିଥାଏ। ତ୍ୱଚା କିମ୍ବା ରକ୍ତ ସମବନ୍ଧିତ ରୋଗ ହେଲେ ବି ଅସ୍ଥିର ଯନ୍ତ୍ରଣା ଉତ୍ପନ୍ନ ହୁଏ। ପୋଷକତତ୍ତ୍ୱର ଅଭାବ କାରଣରୁ ଅନେକ ଥର ରିହ୍ୟୁମେଟୋଇଡ୍ ଆର୍ଥରାଇଟସ ହୋଇଥାଏ, ଯଦ୍ୱାରା ଗଣ୍ଠି ଯନ୍ତ୍ରଣା ହୋଇଥାଏ। ଏଥିରୁ ଆରୋଗ୍ୟ ପାଇଁ ବାରମ୍ବାର ଡାକ୍ତରୀ ପରାମର୍ଶ ସାଙ୍ଗକୁ ହଜାର ହଜାର ଟଙ୍କାର ଔଷଧ ସେବନ କରିବାକୁ ପଡ଼େ। କିନ୍ତୁ କମ୍ ଖର୍ଚ୍ଚରେ, ଘରୋଇ ଉପାୟରେ ଅମୃତଭଣ୍ଡା ଜୁସ୍ ପିଇଲେ ଏଥିରେ ଆରାମ ମିଳିବ। ଏଥପାଇଁ ୨ ଲିଟର ପାଣିରେ ଏକ ମଧ୍ୟମ ଆକାରର କଂଚା ଅମୃତଭଣ୍ଡାକୁ ଭଲଭାବେ ଧୋଇ ଦିଅନ୍ତୁ।



ଏହାପରେ ଅମୃତଭଣ୍ଡାକୁ ଛୋଟ ଛୋଟ ପିସ୍ କରି ୫ମିନିଟ ପାଇଁ ସିଝାନ୍ତୁ। ୨ ଚାମଚ ଗ୍ରୀନ ଟିରେ ଏହାକୁ ପକାଇ କିଛି ସମୟ ଫୁଟିବାକୁ ଛାଡ଼ନ୍ତୁ। ଫୁଟିଲାପରେ ପ୍ରତିଦିନ ଏହାକୁ ଗିଲାସେ ଲେଖାଏଁ ସେବନ କରନ୍ତୁ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୯ ଡିସେମ୍ବର ୨୦୨୫, ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତମାଖୁର ସୁଲଭତା ଆମ ସମାଜ ପାଇଁ ଏକ ମୃତ୍ୟୁଫାଶ

ଆଜି ଭାରତ ଏକ ଅଭୂତପୂର୍ବ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଛି, ଯାହାର ମୂଳରେ ରହିଛି ତମାଖୁର ଅବାଧ ପ୍ରଚଳନ ଏବଂ ଏହାର ଅତ୍ୟଧିକ ସୁଲଭତା। କର୍କଟ ରୋଗ ଆଜି ଆମ ଦେଶରେ ଏକ ମହାମାରୀର ରୂପ ନେଇଛି, ଯାହା ପ୍ରତିବର୍ଷ ଲକ୍ଷ ଲକ୍ଷ ଜୀବନ ନେବା ସହ ଅସଂଖ୍ୟ ପରିବାରକୁ ଦାରିଦ୍ର୍ୟ ଓ ଦୁଃଖର ଗଭୀର ଗର୍ତ୍ତକୁ ଠେଲି ଦେଉଛି। ଏହି କର୍କଟ ମହାମାରୀର ଅନ୍ୟତମ ପ୍ରମୁଖ ଇନ୍ଧନ ହେଉଛି ତମାଖୁଜାତ ଦ୍ରବ୍ୟର ଅତ୍ୟନ୍ତ କମ୍ ମୂଲ୍ୟ, ଯାହା ସମାଜର ପ୍ରତ୍ୟେକ ବର୍ଗ, ବିଶେଷ କରି ଗରିବ ଓ ଯୁବପିଢ଼ିଙ୍କ ପାଇଁ ସହଜରେ ଉପଲବ୍ଧ। ଏହି ସୁଲଭତା ହିଁ ତମାଖୁ ସେବନକୁ ଏକ ସାଧାରଣ ଅଭ୍ୟାସରେ ପରିଣତ କରିଛି, ଯାହାର ପରିଣାମ ସ୍ୱରୂପ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି।

ଭାରତରେ ବିଡ଼ି, ସିଗାରେଟ୍, ଗୁଟ୍‌ଖା, ଖଇନି ଏବଂ ଅନ୍ୟାନ୍ୟ ଧୂଆଁବିହୀନ ତମାଖୁଜାତ ଦ୍ରବ୍ୟ ଅତ୍ୟନ୍ତ ଶସ୍ତାରେ ମିଳିଥାଏ। ଏକ ବିଡ଼ି ବଣ୍ଡଲର ମୂଲ୍ୟ କିଛି ଟଙ୍କାରୁ ଆରମ୍ଭ ହୋଇଥାଏ, ଯାହା ଦିନ ମଜୁରିଆ କିମ୍ବା ଗରିବ ଶ୍ରମିକଟିଏ ପାଇଁ ମଧ୍ୟ ସହଜରେ କିଣିବା ସମ୍ଭବ। ସେହିପରି, ଗୁଟ୍‌ଖା ପାଉଚ୍ କିମ୍ବା ଖଇନିର ମୂଲ୍ୟ ଏତେ କମ୍ ଯେ, ଏହାକୁ କିଣିବା ପାଇଁ କାହାକୁ ଦୁଇଥର ଚିନ୍ତା କରିବାକୁ ପଡ଼େ ନାହିଁ। ଏହି ଅତ୍ୟଧିକ ସୁଲଭତା ହିଁ ତମାଖୁ ସେବନକୁ ଏକ ସାଧାରଣ ଅଭ୍ୟାସରେ ପରିଣତ କରିଛି, ଯାହାର ପରିଣାମ ସ୍ୱରୂପ କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଭାରତରେ ଧୂମପାନ ଏବଂ ଧୂଆଁବିହୀନ ତମାଖୁ ଉଭୟର ବ୍ୟବହାର ଏକ ଦ୍ୱୈତ ବୋଝ ସୃଷ୍ଟି କରିଛି, ଯାହା କର୍କଟ ରୋଗର ପ୍ରାଦୁର୍ଭାବକୁ ଆହୁରି ବଢ଼ାଇ ଦେଇଛି।

ଏହି ସୁଲଭତାର ଆଉ ଏକ ପ୍ରମୁଖ କାରଣ ହେଉଛି ସିଗାରେଟ୍‌କୁ ଖୁଚୁରା ଭାବରେ, ଅର୍ଥାତ୍ ଗୋଟିଏ ଗୋଟିଏ ଷ୍ଟିକ୍ କରି ବିକ୍ରି କରିବାର ପ୍ରଚଳନ। ବିଶ୍ୱର ୮୮ଟି ଦେଶରେ ଏହି ପ୍ରଥାକୁ ନିଷିଦ୍ଧ କରାଯାଇଥିବା ବେଳେ ଭାରତରେ ଏହା ଉପରେ କୌଣସି କଟକଣା ନାହିଁ। ଗୋଟିଏ ସିଗାରେଟ୍ ଷ୍ଟିକ୍‌ର ମୂଲ୍ୟ ପ୍ରାୟ ୧୫ ଟଙ୍କା ହୋଇଥିବାରୁ ଏହା ଅତି ସହଜରେ କିଣିବା ପାଇଁ ଉପଲବ୍ଧ ହୋଇଥାଏ। ଏହି ପ୍ରଥା କେବଳ ସିଗାରେଟ୍‌କୁ ଅଧିକ ସୁଲଭ କରେ ନାହିଁ, ବରଂ ଏହା ପ୍ୟାକେଟ୍ ଉପରେ ଥିବା ଗ୍ରାଫିକ୍ ସ୍ୱାସ୍ଥ୍ୟ ଚେତାବନୀକୁ ମଧ୍ୟ ବାଇପାସ୍ କରିଦିଏ, ଯାହା ଫଳରେ ସେବନକାରୀମାନେ ତମାଖୁର ଭୟାବହ ପରିଣାମ ବିଷୟରେ ଅଜ୍ଞ ରୁହନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ, ଭାରତର ୮୭% ସିଗାରେଟ୍ ବିକ୍ରେତା ଗୋଟିଏ ଗୋଟିଏ ଷ୍ଟିକ୍ ବିକ୍ରି କରନ୍ତି ଏବଂ ସେମାନେ ପ୍ରାୟତଃ ଚା' ଦୋକାନ ନିକଟରେ କାର୍ଯ୍ୟ କରନ୍ତି, ଯାହା ଯୁବପିଢ଼ି ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କୁ ସହଜରେ ଆକର୍ଷିତ କରିଥାଏ।

ଜାତୀୟ ସ୍ତରରେ ହୋଇଥିବା ଅନେକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତିବର୍ଷ ୧୩ ଲକ୍ଷରୁ ଅଧିକ ଲୋକ ତମାଖୁ ସେବନ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଅନୁଯାୟୀ, ୨୦୨୦ ମସିହାରେ ଭାରତର ସମୁଦାୟ କର୍କଟ ବୋଝର ୨୭% ତମାଖୁ ସମ୍ବନ୍ଧୀୟ କର୍କଟ ରୋଗ ଯୋଗୁଁ ହୋଇଥିଲା। ଏହା ବ୍ୟତୀତ, ଫୁସ୍‌ଫୁସ୍, ପାଟି ଏବଂ ଗଳା କର୍କଟ ଭଳି ତମାଖୁ ସମ୍ବନ୍ଧୀୟ କର୍କଟ ରୋଗ ଭାରତରେ ସମସ୍ତ କର୍କଟ ମାମଲାର ୪୦% ଅଟେ। ଏହି ସଂଖ୍ୟା ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହା ଦର୍ଶାଉଛି ଯେ ତମାଖୁ କିପରି ଆମ ସମାଜରେ କର୍କଟର ମୁଖ୍ୟ କାରଣ ପାଲଟିଛି। ବିଶେଷ କରି ଧୂଆଁବିହୀନ ତମାଖୁ (ଗୁଟ୍‌ଖା, ଖଇନି, ଜର୍ଦ୍ଦା) ସେବନକାରୀଙ୍କ ମଧ୍ୟରେ ପାଟି କର୍କଟର ପ୍ରାଦୁର୍ଭାବ ଅତ୍ୟନ୍ତ ଭୟାବହ। ଏହି ରୋଗୀମାନେ କେବଳ ଶାରୀରିକ ଯନ୍ତ୍ରଣା ଭୋଗନ୍ତି ନାହିଁ, ବରଂ ସେମାନଙ୍କ ଚିକିତ୍ସା ପାଇଁ ପରିବାରକୁ ଆର୍ଥିକ ଭାବେ ସର୍ବସ୍ୱାନ୍ତ ହେବାକୁ ପଡ଼େ। ୨୦୨୫ ସୁଦ୍ଧା ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧.୫୭ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ଏହି ମହାମାରୀର ଭୟାବହତାକୁ ଆହୁରି ସ୍ପଷ୍ଟ କରୁଛି।

ତମାଖୁର ସୁଲଭତା କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁନାହିଁ, ଏହା ଦେଶର ଅର୍ଥନୀତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ୨୦୧୭-୨୦୧୮ ବର୍ଷରେ ତମାଖୁ ସେବନ ଜନିତ ରୋଗ ଏବଂ ମୃତ୍ୟୁ ଯୋଗୁଁ ଭାରତରେ ମୋଟ ଆର୍ଥିକ କ୍ଷତି ୧.୭୭ ଲକ୍ଷ କୋଟି ଟଙ୍କା (ଭାରତର ମୋଟ ଘରୋଇ ଉତ୍ପାଦର ୧.୦୪%) ଥିଲା। ଏହି ବିପୁଳ ଅର୍ଥ କର୍କଟ ରୋଗର ଚିକିତ୍ସା, ଉତ୍ପାଦନଶୀଳତା ହ୍ରାସ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଖର୍ଚ୍ଚରେ ବ୍ୟୟ ହୋଇଥାଏ। କର୍କଟ ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ। ଅସ୍ତ୍ରୋପଚାର, କେମୋଥେରାପି, ରେଡିଏସନ୍ ଇତ୍ୟାଦି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ଖର୍ଚ୍ଚ ଭାରତର ସାଧାରଣ ପରିବାର ପାଇଁ ଅସମ୍ଭବ। ଫଳରେ ଅନେକ ପରିବାର ଋଣଗ୍ରସ୍ତ ହୋଇ ଦାରିଦ୍ର୍ୟର କଷାଘାତ ସହିବାକୁ ବାଧ୍ୟ ହୁଅନ୍ତି। ଏହା ବ୍ୟତୀତ, ତମାଖୁ ସେବନକାରୀମାନେ ଅକାଳରେ ମୃତ୍ୟୁବରଣ କରିବା କିମ୍ବା ରୋଗଗ୍ରସ୍ତ ହୋଇ କାର୍ଯ୍ୟ କରିବାର କ୍ଷମତା ହରାଇବା ଦ୍ୱାରା ଦେଶର ଉତ୍ପାଦନଶୀଳତା ହ୍ରାସ ପାଏ, ଯାହା ଜାତୀୟ ଅର୍ଥନୀତି ପାଇଁ ଏକ ବଡ଼ କ୍ଷତି।

ଏହି ସମସ୍ୟାର ମୂଳରେ ରହିଛି ତମାଖୁ ଉପରେ ଲାଗୁ ହେଉଥିବା କମ୍ ଟିକସ। ଅନେକ ତମାଖୁଜାତ ଦ୍ରବ୍ୟ, ବିଶେଷ କରି ଧୂଆଁବିହୀନ ତମାଖୁ ଉପରେ ଟିକସ ହାର ଅତ୍ୟନ୍ତ କମ୍ ରହିଛି, ଯାହା ଏହାର ମୂଲ୍ୟକୁ ନିମ୍ନ ସ୍ତରରେ ରଖିବାରେ ସହାୟକ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତମାଖୁ ସେବନକୁ ପ୍ରଭାବଶାଳୀ ଭାବରେ ନିରୁତ୍ସାହିତ କରିବା ପାଇଁ ଏହାର ସର୍ବାଧିକ ଖୁଚୁରା ମୂଲ୍ୟର ୭୫% ଟିକସ ଲଗାଇବାକୁ ସୁପାରିଶ କରିଛି। କିନ୍ତୁ ଭାରତରେ ତମାଖୁ ଉପରେ ଲାଗୁ ହେଉଥିବା ଟିକସ ହାର ଏହି ସୁପାରିଶ ଠାରୁ ବହୁତ କମ୍। ସରକାର ତମାଖୁ ଉପରେ ଟିକସ ବୃଦ୍ଧି କରିବାକୁ କୁଣ୍ଠାବୋଧ କରୁଛନ୍ତି, ବୋଧହୁଏ ରାଜସ୍ୱ ହ୍ରାସ କିମ୍ବା ତମାଖୁ ଉଦ୍ୟୋଗର ଚାପ ଯୋଗୁଁ। କିନ୍ତୁ ଏହା ଏକ ଭୁଲ ନୀତି। ତମାଖୁ ଉପରେ ଟିକସ ବୃଦ୍ଧି କଲେ ଏହାର ମୂଲ୍ୟ ବଢ଼ିବ, ଯାହା ଫଳରେ ଏହାର ବ୍ୟବହାର କମିବ। ଏହା କେବଳ ସ୍ୱାସ୍ଥ୍ୟଗତ ଲାଭ ଦେବ ନାହିଁ, ବରଂ ସରକାରଙ୍କ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ, ଯାହାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ କରାଯାଇପାରିବ।

ଏହା ବ୍ୟତୀତ, ତମାଖୁ କମ୍ପାନୀମାନେ ନିଜର ଲାଭ ପାଇଁ ଯୁବପିଢ଼ିଙ୍କୁ ଟାର୍ଗେଟ୍ କରି ବିଭିନ୍ନ ପ୍ରକାରର ଆକର୍ଷଣୀୟ ବିଜ୍ଞାପନ ଓ ପ୍ରଚାର କରୁଛନ୍ତି। ସେମାନେ ଜାଣିଛନ୍ତି ଯେ, ଯଦି ଜଣେ ବ୍ୟକ୍ତି କମ୍ ବୟସରେ ତମାଖୁ ସେବନ ଆରମ୍ଭ କରେ, ତେବେ ସେ ଜୀବନସାରା ଏହାର ନିଶାରେ ଫସି ରହିବ। ଧୂଆଁବିହୀନ ତମାଖୁ ଅନେକ ସମୟରେ ସିଗାରେଟ୍ ଠାରୁ ଅଧିକ ଏବଂ ଦୀର୍ଘସ୍ଥାୟୀ ନିକୋଟିନ୍ ମାତ୍ରା ପ୍ରଦାନ କରିଥାଏ, ଯାହା ଯୁବ ବ୍ୟବହାରକାରୀଙ୍କୁ ଅଧିକ ନିଶାଗ୍ରସ୍ତ କରିଥାଏ। ଏହି ଲାଭଖୋର କମ୍ପାନୀମାନଙ୍କ ଉପରେ କଠୋର ନିୟନ୍ତ୍ରଣ ଲଗାଇବା ଅତ୍ୟନ୍ତ ଜରୁରୀ।

ସମୟ ଆସିଛି, ଯେତେବେଳେ ସରକାର ଏହି ଗମ୍ଭୀର ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେବେ। କେବଳ ସଚେତନତା କାର୍ଯ୍ୟକ୍ରମ ଯଥେଷ୍ଟ ନୁହେଁ। ତମାଖୁ ଉପରେ ଟିକସ ବୃଦ୍ଧି କରିବା, ବିଶେଷ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୁପାରିଶ ଅନୁଯାୟୀ ୭୫% ଟିକସ ଲାଗୁ କରିବା, ସିଙ୍ଗଲ୍ ଷ୍ଟିକ୍ ସିଗାରେଟ୍ ବିକ୍ରିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ସମସ୍ତ ପ୍ରକାର ତମାଖୁ ବିକ୍ରି ଓ ବିଜ୍ଞାପନ ଉପରେ କଠୋର ନିୟମ ଲାଗୁ କରିବା, ଏବଂ ତମାଖୁ ଛାଡ଼ିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ସହାୟତା କେନ୍ଦ୍ର ଖୋଲିବା ଅତ୍ୟନ୍ତ ଜରୁରୀ। ବିଶେଷ କରି ଗ୍ରାମାଞ୍ଚଳରେ ତମାଖୁର ପ୍ରଚଳନ ଅଧିକ ଥିବାରୁ ସେଠାରେ ସ୍ୱାସ୍ଥ୍ୟସେବା ଓ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ।

ତମାଖୁର ସୁଲଭତା ଆମ ସମାଜ ପାଇଁ ଏକ ମୃତ୍ୟୁଫାଶ ସଦୃଶ। ଏହା କେବଳ ବ୍ୟକ୍ତିଗତ ସ୍ୱାସ୍ଥ୍ୟକୁ ନୁହେଁ, ବରଂ ସମଗ୍ର ଦେଶର ଭବିଷ୍ୟତକୁ ବିପଦରେ ପକାଉଛି। ଏହି କର୍କଟ ମହାମାରୀକୁ ରୋକିବା ପାଇଁ ସରକାର, ସମାଜ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନଚେତ୍, ଆମେ ଏକ ରୋଗଗ୍ରସ୍ତ ଓ ଦାରିଦ୍ର୍ୟଗ୍ରସ୍ତ ଭବିଷ୍ୟତ ଆଡ଼କୁ ଗତି କରିବା। ଏହି ମହାମାରୀକୁ ରୋକିବା ପାଇଁ ତମାଖୁର ମୂଲ୍ୟ ବୃଦ୍ଧି ଏକ ପ୍ରମୁଖ ଅସ୍ତ୍ର, ଯାହାକୁ ତୁରନ୍ତ ପ୍ରୟୋଗ କରିବା ଆବଶ୍ୟକ। ଆମର ଓ ଆସନ୍ତା ପିଢ଼ିକୁ ଏକ ସୁସ୍ଥ ଓ କର୍କଟମୁକ୍ତ ଭବିଷ୍ୟତ ଦେବା ଆମ ସମସ୍ତଙ୍କର ଦାୟିତ୍ୱ।

## ଆସ୍ଥା ଓ ନିଷ୍ଠା ଦାମ୍ପତ୍ୟ ଜୀବନକୁ ପରିପୂର୍ଣ୍ଣ କରେ



**ସୁବ୍ରତ କୁମାର ଦାସ**

ହିନ୍ଦୁ ପରମ୍ପରା ରେ ବିବାହ ଏକ ସାମାଜିକ ବନ୍ଧନ ଓ ସ୍ୱୀକୃତି । ବିବାହ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସାମାଜିକ, ଆଇନଗତ ଏବଂ ପ୍ରାୟତଃ ଧାର୍ମିକ ଭାବେ ସ୍ୱୀକୃତ ଏକ ସମ୍ପର୍କ। ଏହା ପ୍ରେମ, ଭରସା, ପ୍ରତିବଦ୍ଧତା ଏବଂ ଦାୟିତ୍ୱ ଉପରେ ଆଧାରିତ। ବିବାହ ଦ୍ୱାରା ପରିବାର ଗଠନ ହୁଏ ଏବଂ ଜୀବନରେ ସ୍ଥିରତା, ସହଚର୍ଯ୍ୟ ଓ ସାଧାରଣ ଲକ୍ଷ୍ୟ ପ୍ରଦାନ କରେ। ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ବିବାହର ୮ଟି ପ୍ରକାର ଭେଦ ରହିଛି ଯେପରି; ବ୍ରାହ୍ମ ବିବାହ, ଦୈବ ବିବାହ,ଆର୍ଷ ବିବାହ, ପ୍ରଜାପତ୍ୟ ବିବାହ, ଗାନ୍ଧର୍ବ ବିବାହ, ଆସୁର ବିବାହ, ରାକ୍ଷସ ବିବାହ ଏବଂ ପୈଶାଚ ବିବାହ । ଆଧୁନିକ ସମାଜରେ ବ୍ରାହ୍ମ ଓ ଗାନ୍ଧର୍ବ ବିବାହ କୁ ଅଗ୍ରାଧିକାର ଦିଆଯାଉଛି ।

ବିଭିନ୍ନ ସମାଜ ଓ ସଂସ୍କୃତିରେ ବିବାହର ଭିନ୍ନ-ଭିନ୍ନ ପ୍ରକାର ଦେଖିବାକୁ ମିଳେ। ଯେପରି ଏକ ପତ୍ନୀକ ବିବାହ, ବହୁ ପତ୍ନୀକ ବିବାହ, ବ୍ୟବସ୍ଥିତ ବିବାହ, ପ୍ରେମ ବିବାହ, ସିଭିଲ ବିବାହ, ଧାର୍ମିକ ବିବାହ, ଆନ୍ତର୍ଜାତି ଓ ଆନ୍ତର୍ଧର୍ମ ବିବାହ। ମାତ୍ର ପ୍ରଚଳିତ ବ୍ୟବସ୍ଥାରେ ଆମେ ସାଧାରଣତଃ ଦୁଇ ପ୍ରକାର ବିବାହ କୁ ବେଶି ଦେଖିବାକୁ ପାଇଥାଉ । ଦୁଇଟି ମନ, ଦୁଇଟି ଆତ୍ମାର ମିଳନ ରେ ସଂପର୍କ ମଜଭୁତ ହୁଏ ।କେତେକାଂଶରେ ପ୍ରେମ ବିବାହ ସଫଳ ହୁଏ ଆଉ କେତେକାଂଶରେ ବିଫଳ ହୁଏ ।କେବଳ ବ୍ୟବସ୍ଥିତ ବିବାହ ଯେ ଚିରଦିନ ସଫଳ ହୋଇ ରହିଥାଏ, ତାହା ନୁହେଁ ଉତ୍ତମ ବୁଝାବୁଝା ଆଉ ପରସ୍ପର ପ୍ରତି ସତତା ହିଁ ସନ୍ଦେହ ରୂପକ କାଳିମା କୁ ଦୂରୀଭୂତ କରିଥାଏ । ଦୁଇଜଣ ଙ୍କ ସହଯୋଗରେ ଚେଷ୍ଟା କଲେ ବିବାହ ସଫଳ ହୁଏ। ସଫଳ ବୈବାହିକ ଜୀବନ ପାଇଁ ଆବଶ୍ୟକ ତତ୍ତ୍ୱ ଗୁଡ଼ିକ ମଧ୍ୟରେ:ପରସ୍ପର ପ୍ରତି ପ୍ରେମ ଓ ସମ୍ମାନ ପ୍ରଦର୍ଶନ, ଭରସା ଓ ସତତା, ଆଲୋଚନା ଓ ବୁଝାମଣା, ଧୈର୍ଯ୍ୟ ଓ ଭାବନାତ୍ମକ ନିଷ୍ପତି, ଆର୍ଥିକ ସମର୍ଥନ ଓ ସହଯୋଗ ଏବଂ ସାଧାରଣ ମୂଲ୍ୟବୋଧ ଓ ଲକ୍ଷ୍ୟ । ପ୍ରତ୍ୟେକ ସଫଳ ଦାମ୍ପତ୍ୟ ଜୀବନ ରେ ଅନେକ ଝଡ଼ ମୋଡ଼ ଦେଇ ଆସିବା ଥୟ, ମାତ୍ର ସେସବୁକୁ ସାମ୍ନା କରିବାକୁ ଧୈର୍ଯ୍ୟର ଆବଶ୍ୟକ ପଡ଼ିଥାଏ । ଯଦି ଏକ ସମାନ୍ତରାଳ ସରଳରେଖାର ଗତି ବିଚ୍ୟୁତ ହୁଏ,ତେବେ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୁଏ । ଅନେକ ଦୃଷ୍ଟି ଗୋଚର ଅଛି, ବିବାହ ବିଫଳର ପ୍ରମୁଖ କାରଣ ମାନଙ୍କ ମଧ୍ୟରେ ଆଲୋଚନାର ଅଭାବ, ଭରସା ହରାଇବା, ବିଶ୍ୱାସଘାତ, ଅହଂକାର, ଆର୍ଥିକ ସମସ୍ୟା, ଗୃହସ୍ଥ ହିଂସା କିମ୍ବା ନିର୍ଯାତନା, ଅନ୍ୟ ମାନଙ୍କ ଅତିରିକ୍ତ ହସ୍ତକ୍ଷେପ, ପ୍ରତିବଦ୍ଧତା ଓ ଦାୟିତ୍ୱର ଅଭାବ ଇତ୍ୟାଦି। ବିବାହ ହେଉଛି ଜୀବନଭରି ର ଏକ ସହଯାତ୍ରା ।ଯାହାକୁ ସଫଳ କରିବା ପାଇଁ ନିରନ୍ତର ପ୍ରୟାସ, ଯତ୍ନ ଓ ବୁଝାମଣା ଆବଶ୍ୟକ। ପରସ୍ପର ସମ୍ମାନ ଓ ସହଯୋଗ ଥିଲେ ବିବାହ ସଫଳ ହୁଏ, ଯେଉଁଠାରେ ଅବହେଳା ଓ ଅବିଶ୍ୱାସ ଭରି ରହେ, ସେଠାରେ ବିବାହ ବିଫଳ ହୁଏ। ନବ ବିବାହିତ ଦମ୍ପତି ତାଙ୍କ ବିବାହିତ ଜୀବନକୁ ସଫଳ ଓ ସୁଖମୟ କରିବା ପାଇଁ ନିମ୍ନଲିଖିତ କେତେକ କଥା ଗୁଡ଼ିକୁ ଅନୁସରଣ କରିବା ଉଚିତ୍। ଯେପରି; ଖୋଲା ମନରେ ଓ ସତ୍ୟ ଭାବରେ ଆଲୋଚନା କରିବା, ମନର ଭାବନା, ଆଶା ଓ ସମସ୍ୟାକୁ ଆଦାନ ପ୍ରଦାନ କରିବା, ଧୈର୍ଯ୍ୟ ଓ ସମ୍ମାନ ସହିତ ପରସ୍ପର ଙ୍କ କଥା ଉଭୟ ଶୁଣିବା, ପରସ୍ପର ପ୍ରତି ନିରନ୍ତର ପ୍ରେମ ଓ ସମ୍ମାନ ପ୍ରଦର୍ଶନ କରିବା ସହ ପରସ୍ପରଙ୍କ ମତାମତ, ବ୍ୟକ୍ତିତ୍ୱ ଓ ପରିବାରକୁ ସମ୍ମାନ ଦେବା ଉଚିତ୍। ସଫଳ ଦାମ୍ପତ୍ୟ ଜୀବନରେ ଅହଂକାର ତ୍ୟାଗ କରି ସହନଶୀଳତାକୁ ଆପଣାଇବା ଉଚିତ୍। ପରସ୍ପରଙ୍କୁ ଭାବନାତ୍ମକ ସହଯୋଗ ଦେବା ସହ ସମ୍ମାନ ପୂର୍ଣ୍ଣ ଓ ସୁସ୍ଥ ଶାରୀରିକ ସମ୍ପର୍କ ବଜାୟ ରଖିବା ଉଚିତ୍। ଆଧାତ୍ମିକବାଦ, ସଂସ୍କାର ଓ ଧାର୍ମିକ ହେଲେ ଏକ ସଙ୍ଗେ ପ୍ରାର୍ଥନା କିମ୍ବା ଧ୍ୟାନ କରି ଭଗବାନଙ୍କ ନିକଟରେ ଶରଣାପୂର୍ଣ୍ଣ ହେବା ଉଚିତ୍ । ଭୁଲକୁ କ୍ଷମା କରିବା ସହ ଉଭୟଙ୍କ ମଧ୍ୟରେ ମନ ମାଳିନ୍ୟ ରଖିବା ଉଚିତ୍ ନୁହେଁ।ପରସ୍ପର ପ୍ରେମ, ଉତ୍ତମ ବୁଝାବଣା ଓ ଦାୟିତ୍ୱ ଥିଲେ ବିବାହିତ ଜୀବନ ନିଶ୍ଚିତ ଭାବେ ସଫଳ ଓ ଫଳଦାୟକ ହୁଏ। ସଫଳ ଦାମ୍ପତ୍ୟ ଜୀବନ କହିଲେ;ଯେଉଁ ଦମ୍ପତି ପରସ୍ପରଙ୍କୁ ବୁଝନ୍ତି, ସମ୍ମାନ କରନ୍ତି ଓ ପ୍ରେମ ସହିତ ଜୀବନର ସମସ୍ତ ସୁଖ-ଦୁଃଖକୁ ଏକ ସାଥିରେ ମୁକାବିଲା କରନ୍ତି।

ପରସ୍ପର ପ୍ରତି ପ୍ରେମ ଓ ସମ୍ମାନ ବାଣ୍ଟନ୍ତି । ଉଭୟ ଜଣେ ଅନ୍ୟ ଜଣଙ୍କୁ ମୂଲ୍ୟ ଦିଅନ୍ତି । ଖୋଲାମନରେ କଥାବାର୍ତ୍ତା କରନ୍ତି ଓ ଶୁଣନ୍ତି । ପରସ୍ପର ପ୍ରତି ଆସ୍ଥା ଓ ନିଷ୍ଠା ରୁହନ୍ତି । ମତଭେଦ ହେଲେ ଶାନ୍ତିରେ ସମାଧାନ କରନ୍ତି ଏବଂ ଦାୟିତ୍ୱ ବୋଧତା ମନେକରି ପରିବାର ଓ କର୍ତ୍ତବ୍ୟକୁ ଏକ ସାଥିରେ ବହନ କରନ୍ତି ।କୌଣସି ସମସ୍ୟା ସମୟରେ ପରସ୍ପରଙ୍କ ପାଖେ ଦୃଢ଼ ହୋଇ ରୁହନ୍ତି। ଭବିଷ୍ୟତ ପାଇଁ ଏକ ଦିଗରେ ଚାଲନ୍ତି ।ତେଣୁ ମୋଟା ମୋଟି ଭାବେ କହିବାକୁ ଗଲେ ପ୍ରେମ, ସମ୍ମାନ, ବୁଝାବଣା ଓ ଆସ୍ଥା ପ୍ରକଟ କରିବା ହିଁ ସଫଳ ଦାମ୍ପତ୍ୟ ଜୀବନ ର ଚାବିକାଠି ।


+(ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ)

ମୋ:୯୪୩୭୭୩୧୯୦୩


## ଧନୁ ମୁଆଁ ଓ ସଂକ୍ରାନ୍ତି



**ଡ଼ଃ.ଅରୁନ୍ଧତୀ ଦେବୀ**

ପୁନେଇଁ ପର୍ବ, ଯାନିଯାତ ଓଡ଼ିଆ ଜାତିର ଜାତକରେ ଲିଖିତ। ଏହା ବ୍ୟତୀତ ହିନ୍ଦୁ ଧର୍ମରେ ମଧ୍ୟ ଗ୍ରହ ନକ୍ଷତ୍ର ଚଳନ ଅନୁସାରେ ବିଭିନ୍ନ ତିଥି-ବାରର ଅନେକ ଗୁରୁତ୍ୱ ରହିଛି। ଏହି କ୍ରମରେ ଧନୁ ସଂକ୍ରାନ୍ତିକୁ ବର୍ଷର ଶେଷ ସଂକ୍ରାନ୍ତି ଭାବରେ ବିବେଚନ କରାଯାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ସଂକ୍ରାନ୍ତିରୁ ସୂର୍ଯ୍ୟ ଧନୁ ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା, ନଦୀରେ ବୁଡ଼ ପକାଇବା ସମେତ ଏହି ସଂକ୍ରାନ୍ତିର ଆହୁରି ଅନେକ ଧାର୍ମିକ ଗୁରୁତ୍ୱ ରହିଛି। ଉପବାସ ଠାରୁ ଉର୍ଦ୍ଧ୍ୱରେ ଏହି ସଂକ୍ରାନ୍ତି ସାଂସ୍କୃତିକ ଗୁରୁତ୍ୱ ମଧ୍ୟ ବହନ କରେ।

ଧନୁ ସଂକ୍ରାନ୍ତି ସୂର୍ଯ୍ୟଦେବଙ୍କ ସମେତ ବିଭିନ୍ନ ଦେବାଳୟରେ ଦେବଦେବୀଙ୍କ ପାଖରେ ମୁଆଁ ଲାଗି ହୁଏ। ଜଗନ୍ନାଥ ପ୍ରେମୀଙ୍କ ବିଶ୍ୱାସ ଅନୁସାରେ ଶ୍ରୀମନ୍ଦିରରେ ମୁଆଁ ଲାଗି ହେଲେ ମହାପ୍ରଭୁଙ୍କଠାରୁ ଜାଡ଼ ଦୂରେଇ ଯାଏ। ଏହା ବ୍ୟତୀତ ଓଡ଼ିଶାର ପ୍ରାୟ ସମସ୍ତ ଦେବୀ ପୀଠରେ ମୁଆଁ ଭୋଗ କରାଯାଏ। ବ୍ରହ୍ମପୁରର ବୁଢ଼ୀ ସାଆନ୍ତାଣୀଙ୍କଠାରେ ହେଉଥିବା ମୁଆଁଭୋଗ ଓଡ଼ିଶା ପ୍ରସିଦ୍ଧ। ମୁଢ଼ି ମୁଆଁ, ଖଇ ମୁଆଁ, ଚୁଡ଼ାମୁଆଁ, ଛେନା ମୁଆଁ ଆଦି ବିଭିନ୍ନ ପ୍ରକାରର ମୁଆଁ ଭୋଗ ହୁଏ। ଶ୍ରୀମନ୍ଦିରରେ ବିରି, ଗହମଚୁନା, ଘୃତ ପାଗ ହୋଇଥିବା ସ୍ୱତନ୍ତ୍ର ମୁଆଁ ମଧ୍ୟ ପୂଜା କରାଯାଏ। ମୁଆଁ ଲାଗି ହୋଇଥିବାରୁ ସଂକ୍ରାନ୍ତିଟି ମୁଆଁ ସଂକ୍ରାନ୍ତି ନାମରେ ମଧ୍ୟ ବେଶ ପରିଚିତ।

ଧନୁ ସଂକ୍ରାନ୍ତି ଦିନ ସୂର୍ଯ୍ୟଦେବତାଙ୍କୁ ପୂଜା କରାଯାଏ। ବଡ଼ି ଭୋରରୁ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରାଯାଇ ନଦୀର ବୁଡ଼ ପକାଯାଏ। ଏହି ଦିନ ଗଙ୍ଗା, ଯମୁନା, କୃଷ୍ଣା, ମହାନଦୀ, ତୁଙ୍ଗଭଦ୍ରା ଓ କାବେରୀ ନଦୀରେ ବୁଡ଼ ପକାଇବାକୁ ଶୁଭ ବୋଲି ବିଶ୍ୱାସ କରାଯାଏ। ଦାନ ପୂଣ୍ୟ ପାଇଁ ଏହି ଦିନଟି ଅତ୍ୟନ୍ତ ପବିତ୍ର। ସୂର୍ଯ୍ୟଙ୍କ ବ୍ୟତୀତ ଏହି ଦିନରେ ନବଗ୍ରହଙ୍କ ବନ୍ଦାପନା କରାଯାଇ ପୂଜା କରାଯାଏ।

ଧନୁ ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ମହାପ୍ରଭୁ ଜଗନ୍ନାଥଙ୍କୁ ଧନୁମୁଆଁ ବା ପାଗମୁଆଁ ଲାଗି କରାଯାଏ। ଏହା ମକର ସଂକ୍ରାନ୍ତି ଯାଏ ଚାଲେ। କୁହାଯାଏ, ଧନୁମୁଆଁ ଖାଇଲେ ଘୋଡ଼ଲାଗି ହୋଇଥିବା ମହାପ୍ରଭୁଙ୍କୁ ପ୍ରଚଣ୍ଡ ଶୀତଦାଉରୁ ରକ୍ଷା ମିଳେ। ସମଗ୍ର ମନୁଷ୍ୟ ଜଗତ ମଧ୍ୟ ଧନୁମୁଆଁ ଖାଇ ଶୀତରୁ ରକ୍ଷା ପାଆନ୍ତି। ବିମଳାଙ୍କ ପାଖରେ ମାଆ ବିମଳେଇ ମୁଆଁ ଭୋଗ ଲାଗିହୁଏ। ଝିଅ ବିଦା ବେଳେ ସାଙ୍ଗରେ ମୁଆଁ ଭାର ପଠାଯାଏ। ମହାଲକ୍ଷ୍ମୀ ଧନୁମୁଆଁ ଖାଇ ମାସଟିଏ ପିତୃ ଆଳୟକୁ ଯାଆନ୍ତି ଏବଂ ମକର ଚାଉଳ ଖାଇ ଫେରନ୍ତି। ମହାପ୍ରଭୁ ଯେମିତି ବିଶାଳ ସେମିତି ତାଙ୍କ ପାଖରେ ଗୁଡ଼ପାଗରେ ଲିଆ, ଘିଅ, ଗୋଲମରିଚ, ବଡ଼ ଅଳେଇଚ, ଲବଙ୍ଗ, ଚିନି ପଡ଼ି ୫୦/୬୦ କିଲୋ ଭଳି ବିଶାଳ ମୁଆଁ ଭୋଗ ଲାଗି ହୋଇଥାଏ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା।

ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ କରି ମକର ସଂକ୍ରାନ୍ତି ଯାଏ, ପୁରା ମାସକଯାକ ବାଳଧୂପରେ ଠାକୁରଙ୍କୁ ମୁଆଁ ଭୋଗ ଲାଗି କରାଯାଏ। ସନ୍ଧ୍ୟାଧୂପରେ ମହାପ୍ରଭୁଙ୍କୁ ରୂପା ଥାଳିରେ ମୁଆଁ ଭୋଗ ଲାଗି କରାଯାଏ। ଲିଙ୍ଗରାଜଙ୍କ ବିଜେ ପ୍ରତିମାଙ୍କୁ ଉପରବେଳା ବୀରକିଶୋର ବଲ୍ଲଭ ପରେ ମୁଆଁ ଭୋଗ ଲାଗି ହୁଏ। ଠାକୁରଙ୍କୁ କେବଳ ଲିଆ ଗୁଡ଼ପାଗ ମୁଆଁ ହିଁ ଲାଗି ହୁଏ ବୋଲି କହନ୍ତି ଲିଙ୍ଗରାଜ ମନ୍ଦିର ପୂଜାପଣ୍ଡା ନିଯୋଗ ସଭାପତି ପ୍ରସନ୍ନ କୁମାର ପୂଜାପଣ୍ଡା।

ଉପକୂଳ ଅଞ୍ଚଳରେ ଧନୁ ସଂକ୍ରାନ୍ତିକୁ 'କ୍ଷେତବଢ଼ା' ମଧ୍ୟ କୁହାଯାଏ। ଏହିଦିନ ବୋହୂମାନେ ଘରକୁ ନୂଆ ଧାନ ଆଣି ମାଟିହାଣ୍ଡିରେ ଖଇ ଭାଜନ୍ତି। ସେଥିରେ ଗୁଡ଼ ପକାଇ ପାଗକରି ଉଖୁଡ଼ା ତିଆରି କରାଯାଏ। ସେ ଉଖୁଡ଼ାରେ ବଡ଼ ଓ ଛୋଟ ଆକାରର ମୁଆଁ ତିଆରି କରାଯାଏ। ସେ ଉଖୁଡ଼ାରେ ବଡ଼ ଓ ଛୋଟ ଆକାରର ମୁଆଁ ତିଆରି କରାଯାଇ ତାହାକୁ ନେଇ କ୍ଷେତରେ ପୂଜା କରାଯାଏ। ମାର୍ଗଶିର ମାସ ଶେଷ ବେଳକୁ ଧାନକଟା ହୋଇଥାଏ। ସେହି ସମୟରେ ୨/୪ ବୁଦା ଧାନଗଛ କ୍ଷେତବଢ଼ା ପାଇଁ ରଖାଯାଏ। ମୁଆଁ ଭୋଗ ସାଙ୍ଗରେ ଫୁଲ, ଚନ୍ଦନ, ଧୂପ ଓ ଦୀପ ଦେଇ ବିଲରେ ଧାନଗଛ ମୂଳେ ପୂଜା କରାଯାଏ। ଗନ୍ଧ, ପୁଷ୍ପ ସମର୍ପଣ କରି ମା'ଲକ୍ଷ୍ମୀ, କ୍ଷେତ୍ରପାଳ ଓ ବସୁନ୍ଧରାଙ୍କ ନାଁରେ ପୂଜାକରି ମୁଆଁ ଭୋଗ ବଢ଼ାଯାଏ। ବିଲକୁ ଯାଇଥିବା ଚାଷୀମାନଙ୍କ ମଧ୍ୟରେ ଏହି ଭୋଗମୁଆଁ ବାଣ୍ଟି ଦିଆଯାଏ। ଏହାପରେ ଧାନ ଆସି ଖଳାରେ ଗଦା ହୋଇଥାଏ।


+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,

ମୋ: ୯୯୩୭୧୭୨୮୧୦


## ବିଧାୟକଙ୍କ ଦରମା ଓ ଭତା



**ସୌଭାଗ୍ୟ ରଞ୍ଜନ ମହାନ୍ତି**

୬୮ହଜାର, ଉପ-ବାଚସ୍ପତିଙ୍କୁ ୩ଲକ୍ଷ ୫୦ହଜାର, କ୍ୟାବିନେଟ ମନ୍ତ୍ରୀଙ୍କୁ ୩ଲକ୍ଷ ୬୨ହଜାର ବିରୋଧି ଦଳ ନେତା ଓ ସରକାରୀ ଦଳର ମୁଖ୍ୟ ସଚେତକଙ୍କୁ ୩ଲକ୍ଷ ୬୨ହଜାର ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କୁ ୩ଲକ୍ଷ ୫୦ହଜାର ଟଙ୍କା ମିଳିବ। ସେହିପରି ପୂର୍ବତନ ବିଧାୟକଙ୍କୁ ମାସିକ ପେନ୍‌ସନ୍ ୧ଲକ୍ଷ ୧୭ହଜାର ୫୦୦ଟଙ୍କା ମିଳିବ। ଆହୁରି ମଧ୍ୟ ଏକାଧିକ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ, ପ୍ରତି ବର୍ଷ ପାଇଁ ଅତିରିକ୍ତ ୩ହଜାର ଟଙ୍କର ମିଳିବ। ବିଧାୟକ ଥାଇ ମୃତ୍ୟୁ ଘଟିଲେ ୨୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟକ ମିଳିବ। ଏହି ବର୍ଦ୍ଧିତ ବେତନ ଓ ଭତା ପାଇଁ ରାଜ୍ୟ ରାଜକୋଷ ଉପରେ ବାର୍ଷିକ ଅତିରିକ୍ତ ୫୦କୋଟି ଅତିରିକ୍ତ ବୋଝ ପଡିବ। ଆହୁରି ମଧ୍ୟ ପିଛିଲା ଭାବେ ଏହା ଲାଗୁ ହୋଇଥିବାରୁ ଆଉ ୬୧କୋଟି ଟଙ୍କା ଅତିରିକ୍ତ ବ୍ୟୟ ଭାର ରାଜକୋଷ ଉପରେ ପଡିବ। ଓଡିଶା ବିଧାୟକମାନଙ୍କୁ ମୋଟା ଦରମା ଦେଶରେ ସର୍ବାଧିକ। ଅର୍ଥାତ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ବିଧାୟକମାନଙ୍କ ତୁଳନାରେ ଓଡିଶାର ବିଧାୟକମାନଙ୍କ ଦରମା ସବୁଠୁ ଅଧିକ ରହିଛି। ସତେ ଯେପରି ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ବିଧାୟକ, ମନ୍ତ୍ରୀଙ୍କ ପାଇଁ ଭଣ୍ଡାର ଖୋଲିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଉତରପ୍ରଦେଶର ବିଧାୟକମାନେ ଦେଶରେ ସବୁଠୁ ଅଧିକ ବେତନ ପାଉଥିଲେ। ଏବେ ଓଡିଶାର ବିଧାୟକମାନେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଉତରପ୍ରଦେଶର ବିଧାୟକମାନେ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ମିଳିଥିବା ତଥ୍ୟ ଅନୁଯାୟୀ ତ୍ରିପୁରାର ବିଧାୟକ ମାସିକ ୫୦ହଜାର ଟଙ୍କା ବେତନ ପାଆନ୍ତି, ଯାହାକି ଦେଶରେ ସର୍ବନିମ୍ନ। ଉଲ୍ଲେଖଯୋଗ୍ୟ ଯେ, ବିଧାୟକ ହୁଅନ୍ତୁ ବା ସାଂସଦ ହୁଅନ୍ତୁ, ସେମାନେ ନିଜେ ନିଜର ବେତନ ସ୍ଥିର କରିଥାନ୍ତି। ଅର୍ଥାତ ବିଧାୟକଙ୍କ ବେତନ ବିଧାନସଭା ଓ ସାଂସଦଙ୍କ ବେତନ ପାର୍ଲିଆମେଂଟ ସ୍ଥିର କରିଥାଏ। ଜଣେ ସରକାରୀ କର୍ମଚାରୀ ଦୀର୍ଘ ୩୦ବର୍ଷ ଧରି କାର୍ଯ୍ୟ କରି ଅବସର ନେବା ପରେ ପେନ୍‌ସନ୍ ନେଇଥାଏ। କିନ୍ତୁ ଓଡିଶାର ବିଧାୟକ କେବଳଳ ନିର୍ବାଚିତ ହେବା ପର ଦିନଠାରୁ ପେନ୍‌ସନ୍ ପାଇବାକୁ ହକଦାର। ପେନ୍‌ସନ୍ ପାଇବା ନିମନ୍ତେ ଥିବା ଏକ ବର୍ଷ ଅବଧି ପୂରଣ ନିୟମକୁ ମଧ୍ୟ ଉଠାଇ ନିଆଯାଇଛି। ଜଣେ ସରକାରୀ କର୍ମଚାରୀ ଅବସର ପରେ କେବଳ ଗୋଟିଏ ପେନ୍‌ସନ୍ ପାଇଥାଏ। ମାତ୍ର ଜଣେ ବିଧାୟକ ଯଦି ପାର୍ଲିଆମେଂଟକୁ ନିର୍ବାଚିତ ହୋଇଥିଲେ, ସେ ବିଧାୟକ ଓ ସାଂସଦ ଭାବେ ଦୁଇଟି ପେନ୍‌ସନ୍ ପାଇବାକୁ ହକଦାର। ରାଜ୍ୟରେ ବିଧାୟକମାନଙ୍କ ବେତନ ଓ ଭତା ଆଶାତୀତ ଭାବେ ବୃଦ୍ଧି ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାଇବା ସ୍ୱାଭାବିକ ମଧ୍ୟ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଜନକ ତଥା ଉତ୍କଳ ଗୌରବ ମଧୁସୂଦନ ଦାସ ଓଡିଶା ବିହାର ବିଧାନସଭାର ସଦସ୍ୟ ଥିବାବେଳେ ଲୋକପ୍ରତିନିଧିମାନେ ଜନସେବକ ଥିବ ଦର୍ଶାଇ ବେତନକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅଥଚ ସେହି ଓଡିଶାରେ ବିଧାୟକମାନେ ଉଚ୍ଚ ବେତନ ପାଇବାରେ ରେକର୍ଡ ସୃଷ୍ଟି କରିଛନ୍ତି। ବିଧାନସଭାରେ ବେତନ ଓ ଭତା ବିଲ୍ ସର୍ବସମ୍ମତ କ୍ରମେ ଗୃହିତ ହେବା ସମୟରେ ବିଧାୟକମାନେ ଅତ୍ୟନ୍ତ ପ୍ରଫୁଲିତ ଥିବା ଦେଖିବାକୁ ମିଳିଥିଲା। କୌଣସି ଜଣେ ହେଲେ ବିଧାୟକ ବେତନ ବୃଦ୍ଧିକୁ ବିରୋଧ କରିନଥିଲେ। ତେବେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ବେତନ ନେବେ ନାହିଁ। ଏହାକୁ ଲୋକଙ୍କ ସ୍ୱାର୍ଥରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେହିପରି ବିଜେପି ବିଧାୟକ ଅଶ୍ୱନୀ ଷଡଙ୍ଗୀ ମଧ୍ୟ ବର୍ଦ୍ଧିତ ବେତନ ଲୋକଙ୍କ ପାଇଁ ବିନିଯୋଗ କରିବାକୁ ଘୋଷଣା କରିଛନ୍ତି। ବିଧାୟକ ଲକ୍ଷ୍ମଣ ମୁଣ୍ଡା ବେତନ ବୃଦ୍ଧିକୁ ବିରୋଧ କରିଛନ୍ତି, କିନ୍ତୁ ବିଧାନସଭା ଭିତରେ କିଛି କହିନଥିଲେ।। ଅତୀତରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ମାତ୍ର ଟଙ୍କାଟିଏ ବେତନ ନେଇ ଉଦାହରଣ ସୃଷ୍ଟି କରିଯାଇଛନ୍ତି। କିନ୍ତୁ ବର୍ତମାନର ବହୁ ବିଧାୟକ ବେତନ ବହୁତ କମ୍ ବୋଲି ଯୁକ୍ତି ଦର୍ଶାଇଛନ୍ତି। ବିଧାୟକଙ୍କ ବେତନ ବୃଦ୍ଧି ନେଇ ଓଡିଶା ଆଜି ଏକ ନମ୍ବର ସ୍ଥାନ ଅକ୍ତିଆର କରିଥିବାବେଳେ ବେତନ ବୃଦ୍ଧି ଉପରେ ରୋକ୍ ଲାଗି ମାମଲା ଏବେ ନ୍ୟାୟାଳୟରେ ପହଁଚିଛି। ମାତ୍ର ବିଧାୟକ କିମ୍ବା ସାଂସଦଙ୍କ ବେତନ ବୃଦ୍ଧି ନ୍ୟାୟାଳୟ କୌଣସି ହସ୍ତକ୍ଷେପ କରିପାରିବେ ନାହିଁ। ଅତୀତରେ ସୁପ୍ରିମକୋର୍ଟରେ ଏ ନେଇ ବହୁ ମାମଲା ଦାୟର ହୋଇଥିବାବେଳେ ସର୍ବୋଚ୍ଚ ନ୍ୟାୟାଳୟ କେବଳ ନୈତିକତା ପ୍ରସଙ୍ଗ ଦର୍ଶାଇ ଖାରଜ କରି ଦେଇଥିଲେ। ନ୍ୟାୟାଳରେ ଏ ନେଇ କୌଣସି ପ୍ରଶ୍ନ କରାଯାଇ ପାରବି ନାହିଁ। ଅନ୍ୟପକ୍ଷରେ ବେତନ ବୃଦ୍ଧି ପାଇଁ ଅଙ୍ଗନୱାଡି, ଆଶା କର୍ମୀ ଠାରୁ ଆରମ୍ଭ କରି ଶିକ୍ଷକମାନେ ଦାବି କରି ଆନ୍ଦୋଳନ କରୁଥିବା ବେଳେ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାଁନ୍ତି। ସେହିପରି ସରକାର ଗଢିଲେ ରାଜ୍ୟର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କ ମାସିକ ଭତା ୧୦୦୦ଟଙ୍କାରୁ ୩୦୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ବିଜେପି ନିର୍ବାଚନ ପ୍ରତିଶ୍ରୁତି ଦେଇଥିବାବେଳେ ପ୍ରତିଶ୍ରୁତି ଭୁଲିଯାଇ ନିଜ ବେତନ ବଢାଇବା କେତେଦୂର ଯଥାର୍ଥ ?


+ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨

ମୋ: ୭୯୭୮୬୬୬୪୦୩





### ଭାଷା

**ଶ୍ରୀମତୀ ଉତ୍ତରା ନାୟକ**

ହୃଦୟ ମନର ଭାବଟି ପ୍ରକାଶ
ହୁଏ ମୁଖ ପାଟି ଦ୍ୱାରା
ଲେଖନୀ ମଧ୍ୟମେ ଉଚ୍ଚାରଣ କଲେ
'ଭଷା' ନାମ ତାର ପରା
ମନ ଓ ହୃଦୟ ଅନୁଭବ ଭାବ
ପ୍ରକାଶରେ ଭାଷା କହି
ଓଡ଼ିଶାର ଭାଷା, ଆମ ମାତୃଭାଷା
ଓଡ଼ିଆ ଭାଷାଟି ଏହି
ଓଡ଼ିଆ, ଇଂଲିଶି, ହିନ୍ଦି, ଉର୍ଦ୍ଧଭାଷୀ
ତେଲୁଗୁ, କାନ ଡ଼ା ଭାଷା
ନାନା ଦେଶେ ନାନା ରାଜ୍ୟେ
ନାନା ଭାଷା
ତାଙ୍କର ଯେ ମାତୃଭାଷା
ନିଜ ମାତୃଭାଷା ନିଜ ପାଇଁ ବଡ଼
ସଭିଙ୍କର ପ୍ରିୟଧନ
ଅମୂଲ୍ୟ ସମ୍ପତ୍ତି, ଭାଷାକୋଷ ଆମ
ଯା' ପାଇଁ ଆମ ଜୀବନ
ଶବ୍ଦ, ବାକ୍ୟ, ଆଉ ବ୍ୟାକରଣ ଶୁଦ୍ଧ
ଭାଷାର ଗଠନ ହୁଏ
ଭାଷାରେ କବିତା, ଗପ ଓ ପ୍ରବନ୍ଧ
ଶାସ୍ତ୍ର ପୁରାଣ ବି ହୁଏ
କେତେ ଯେ ପୁରାଣ,
କେତେ ଯେ ପୁସ୍ତକ
କେତେ ଶାସ୍ତ୍ର ବେଦ ମନ୍ତ୍ର
ପାଠ୍ୟପୁସ୍ତକ ଯେ କେତେ ଗ୍ରନ୍ଥାବଳୀ
ବିଦ୍ୟା ଜ୍ଞାନ ନାନା ଗ୍ରନ୍ଥ
ଭାଷା ମାଧ୍ୟମରେ ବିଦ୍ୟା ବୁଦ୍ଧି ଜ୍ଞାନ
ଅର୍ଜନ କରଇ ନର
ଭାଷା ବିନେ ମୂକ, ବଧିର ଜଡ଼ାଟି
ଜୀବନଟା ଛାରଖାର
ଭାଷା ତ ଆମର ଜୀବନ ସ୍ୱରୂପ
ପ୍ରତି ସମୟରେ ଲୋଡ଼ା
ଭାଷାକୁ ଛାଡିଲେ ବଞ୍ଚିବାଟା କଷ୍ଟ
ଯେହ୍ନେ ଜନ ଲକ୍ଷ୍ମୀ ଛଡ଼ା
କବିତ କହିଲେ 'ଉଚ୍ଚ ହେବ ଯଦି
ଉଚ୍ଚ କର ମାତୃଭାଷା'
ହୃଦ ଅଭିବ୍ୟକ୍ତି ପ୍ରକାଶ ହୋଇଲେ
ହୋଇଯାଏ ପରିଭାଷା
'ମାତୃଭୂମି ମାତୃଭାଷାର ମମତା
ଯା' ହୃଦେ ଜନମି ନାହିଁ
ତାକୁ ଯଦି ଗୁଣୀ ଗଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ ?'
ସୁମଧୁର ଭାଷା କହିଦେଲେ ପଦେ
ଆତ୍ମା ଶାନ୍ତି ହୋଇଯାଏ
କର୍କଶ ବାଣୀରେ ଫାଟିଯାଏ ଛାତି
ହୃଦ ସତେ ହାଣି ହୁଏ
ମଧୁର ବଚନ ଜନ ମନ ମୋହେ
କହି କେ ଦରିଦ୍ର ହୁଏ ?
ଭାଷାର ମହତ ବୁଝିଛିଟି ଯିଏ
ଉତ୍ତମ ମଣିଷ ସିଏ
ଆମ ମାତୃଭାଷା ଆମର ଗରବ
ଓଡିଶା ରାଇଜ ମୋର
ଓଡ଼ିଆ ଭାଷାଟି ସବୁଠୁ ମଧୁର
ଗାଉଥିବି ଯଶ ତାର
ନିଜ ନିଜ ଭାଷା ନିଜର ଗୌରବ
ଭାଷାରେ ମମତା ରଖ
ଆଗାମୀ ପିଢ଼ିର ଶିଶୁଙ୍କୁ ଶିଖାଇ
ରଖିବା ଭାଷାର ଟେକ ।


+ବିଚଣା କେନ୍ଦ୍ରାପଡ଼ା

ମୋ: ୮୨୬୦୯୬୦୧୫୫

# ଅମିତାଭ ନିଜ ରାଜନୈତିକ ଇଚ୍ଛାକୁ ପୂରଣ କରିବାକୁ ଯାଇ ପ୍ରେମକୁ ଦେଇଥିଲେ ବଳି: ରେଖାଙ୍କ ସାଙ୍ଗ



ବଲିଉଡର ଲୋକପ୍ରିୟ ଅଭିନେତ୍ରୀ ରେଖାଙ୍କ ଘନିଷ୍ଠ ବନ୍ଧୁ ବିନା ରମାନି ଏକ ସାକ୍ଷାତକାରରେ ରେଖା ଏବଂ ଅମିତାଭଙ୍କ ସମ୍ପର୍କ ବିଷୟରେ ଏକ ଆଶ୍ଚର୍ଯ୍ୟକର ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ, ରେଖା ଅମିତାଭଙ୍କୁ ନିଜର ଭାବୁଥିଲେ ଏବଂ ସେ ଚାହୁଁଥିଲେ ଯେ ଅମିତାଭ ତାଙ୍କୁ ସର୍ବସାଧାରଣରେ ଗ୍ରହଣ କରନ୍ତୁ। କିନ୍ତୁ ଅମିତାଭଙ୍କ ଠାରୁ କୌଣସି ଉତ୍ତର ନପାଇବାରୁ ଶେଷରେ ରେଖା ଜଣେ ଶିଳ୍ପପତିଙ୍କୁ ବିବାହ କରିଥିଲେ । ଏକ ସାମ୍ପ୍ରତିକ ସାକ୍ଷାତକାରରେ ଡିଜାଇନର ବିନା ରମାନି ଅମିତାଭ ଏବଂ ରେଖାଙ୍କ ସମ୍ପର୍କ ବିଷୟରେ କହିଛନ୍ତି। ବିନା ରେଖାଙ୍କ ଜଣେ ଘନିଷ୍ଠ ବନ୍ଧୁ ଥିଲେ। ସେ ତାଙ୍କ ସାକ୍ଷାତକାରରେ କହିଥିଲେ ଯେ, ରେଖା ସବୁସମୟରେ ଅମିତାଭ ବଚ୍ଚନ ସହ ତାଙ୍କର ଥିବା ସଂପର୍କକୁ ସର୍ବସମ୍ମୁଖରେ ଜଣାଇବାକୁ ଚାହୁଁଥିଲେ। କିନ୍ତୁ ଅମିତାଭ ନିଜ ରାଜନୈତିକ କ୍ୟାରିୟର ଯୋଗୁଁ ରେଖାଙ୍କ ସହ ଥିବା ନିଜ ସଂପର୍କକୁ ସାର୍ବଜନୀନ ହେବାକୁ ଦେଇ ନଥିଲେ। ଅମିତାଭ ବଚ୍ଚନ ଏବଂ ରେଖାଙ୍କ ସମ୍ପର୍କ ବିଷୟରେ କହିବାକୁ ଯାଇ ବିନା କହିଛନ୍ତି ଯେ, 'ଯେତେବେଳେ ମୁଁ ରେଖାଙ୍କୁ ଭେଟିଥିଲି, ସେ ଅମିତାଭ ବଚ୍ଚନଙ୍କୁ ତାଙ୍କ ଦୁନିଆ ବୋଲି ଭାବୁଥିଲେ।' ଯେତେବେଳେ ରେଖା ଅମିତାଭଙ୍କୁ ଭଲ ପାଉଥିଲେ କି ନାହିଁ ବୋଲି ବିନାଙ୍କୁ ପଚରାଗଲା ସେତେବେଳେ ସେ ଦୁହେଁ ଦୁହିଁଙ୍କ ଆତ୍ମାକୁ ଭଲପାଉଥିଲେ ବୋଲି କହିବା ସହ, ସେମାନଙ୍କ ଭିତରେ ଏକ ଭିନ୍ନ ପ୍ରକାର ଯୋଗାଯୋଗ ରହିଥିଲା ବୋଲି କହିଥିଲେ।

# ପଚିଶିରେ ଓଲିଉଡ ନାୟିକା ବର୍ଷା ପ୍ରିୟଦର୍ଶିନୀ: ଗୋଟିକରେ ସନ୍ତୁଷ୍ଟ



ଓଲିଉଡର ଲୋକପ୍ରିୟ ନାୟିକା ବର୍ଷା ପ୍ରିୟଦର୍ଶିନୀଙ୍କ ପାଇଁ ୨୦୨୫ ମିଶ୍ରିତ ବର୍ଷ ବୋଲି କୁହାଯାଇପାରେ। ଏବର୍ଷ ତାଙ୍କ ଅଭିନୀତ କେବଳ ଗୋଟିଏ ସିନେମା ମୁକ୍ତିଲାଭ କରିଥିବା ବେଳେ ସେ ଅନ୍ୟ ଏକ ସିନେମା ସହ ଜଡ଼ିତ ଥିଲେ। ଖାଲି ସେତିକି ନୁହେଁ, ୨୦୨୬ ପାଇଁ ସେ ଜୋରଦାର ପ୍ରସ୍ତୁତି ବି ଚଳାଇଛନ୍ତି।

ବର୍ଷା ପ୍ରିୟଦର୍ଶିନୀଙ୍କ ଅଭିନୀତ 'ୱାଇଫ୍' ୨୦୨୫ରେ ମୁକ୍ତିଲାଭ କରିଛି। ଏଥିରେ ପୁଣି ଏକ ପୁରୁଣା ଯୋଡ଼ି ବଡ଼ ପରଦାକୁ ଆସିଥିଲେ। ଏହି ଯୋଡ଼ି ହେଲେ ଜୟଜିତ-ବର୍ଷା ପ୍ରିୟଦର୍ଶିନୀ। ଏହି ସିନେମାରେ ଦ୍ୱିତୀୟ ଥର ଲାଗି ଏହି ଯୋଡ଼ି ବଡ଼ ପରଦାକୁ ଆସିଥିଲେ। ଜଣାଶୁଣା ପ୍ରଯୋଜକ ବିଜୟ କାନ୍ଦୋଇ ଏହି ସିନେମାର ପ୍ରଯୋଜନା କରିଥିଲେ, ଯିଏକି ଆଗରୁ 'ରକତ ଚିହ୍ନିଛି ନିଜର କିଏ', 'ନାରୀ ନୁହେଁ ତୁ ନାରାୟଣୀ', 'ଟୋପାଏ ସିନ୍ଦୁର ଦି' ଟୋପା ଲୁହ', ମାତୃଶକ୍ତି, 'କଥା ଦେଇଥିଲି ମା'କୁ', 'ଥ୍ୟାଙ୍କ ୟୁ ଭଗବାନ' , 'ଦିୱାନା', 'ଦୋସ୍ତି', କୁଇନ୍ ଭଳି ସିନେମା ନିର୍ମାଣ କରିଛନ୍ତି। ଓଲିଉଡର ଜଣାଶୁଣା କୋରିଓଗ୍ରାଫର-ଡିରେକ୍ଟର ସୁଧାକର ବସନ୍ତ ଏହି ପାରିବାରିକ ସିନେମାର ନିର୍ଦ୍ଦେଶକ। ମଳୟ ମିଶ୍ର ଏହାର ସଙ୍ଗୀତକାର। ଏହି ସିନେମାର କଥାବସ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ଉପରେ ଆଧାରିତ ବୋଲି କୁହାଗଲା, ଯାହାକୁ ନେଇ ଚର୍ଚ୍ଚା ବି ହୋଇଥିଲା।

ସୂଚନାଯୋଗ୍ୟ, ପୂର୍ବରୁ ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ 'କୁଇନ୍'ରେ ବର୍ଷା ପ୍ରଥମ ଥର ଲାଗି ଜୟଜିତଙ୍କ ବିପକ୍ଷରେ ନାୟିକା ବନିଥିଲେ। ମୃତ୍ୟୁଞ୍ଜୟ ସାହୁ(ବାପି) ଏହାର ନିର୍ଦ୍ଦେଶନା ଦେଇଥିଲେ।

ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ତଥା ବବି ଇସଲାମଙ୍କ ନିର୍ଦ୍ଦେଶିତ 'ବବି ଆଉ ବେବି' ସହ ବି ଜଡ଼ିତ ଥିଲେ ବର୍ଷା ପ୍ରିୟଦର୍ଶିନୀ। ବର୍ଷା ପ୍ରିୟଦର୍ଶିନୀଙ୍କ ନିବେଦିତ ଏହି ସିନେମାରେ ଅଙ୍କିତ କୁମାର, ହିରଣ୍ମୟୀ, ରାନୀ ପଣ୍ଡା, ମିଟୁ ମିଥୁନ୍, ଡିସ୍କୋ ରେଡ୍ଡୀ ଓ ଅମରଙ୍କ ସହ ଶିଶୁ କଳାକାର ମାନ୍ଙ୍କେଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଣେ ସେ ଅନ୍ୟ ଏକ ସିନେମାରେ ଅଭିନୟ କରିବା ସହ ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଓ କ୍ରିଏଟିଭ୍ ହେଡ୍‌ର ଦାୟିତ୍ୱ ବି ନିର୍ବାହ କରିଥିଲେ ସେ। ତେବେ ବର୍ଷାଙ୍କ ପ୍ରଶଂସକମାନଙ୍କ ପାଇଁ ଖୁସି ଖବର। ଖୁବ୍ ଶୀଘ୍ର ସେମାନଙ୍କର ଏହି ପ୍ରିୟ ନାୟିକା ପୁଣି ଏକ ଓଡ଼ିଆ ଛବିରେ ନାୟିକା ଭୂମିକାରେ ଅଭିନୟ କରିବେ ବୋଲି ଜଣାଯାଇଛି। ଇତି ମଧ୍ୟରେ ଫିଲ୍ମର ସ୍କ୍ରିପ୍ଟ କାମ ଶେଷ ହୋଇଛି। ଏହାର କାହାଣୀ ବି ବର୍ଷାଙ୍କର ଥିବା ବେଳେ ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ଲେଖକ ଡକ୍ଟର ରଜନୀରଂଜନ। ବର୍ତ୍ତମାନର ସମାଜରେ ଘଟୁଥିବା ଘଟଣା ଓ ବାସ୍ତବ ଜୀବନ ଉପରେ ଏ କାହାଣୀ ଆଧାରିତ ବୋଲି କୁହାଯାଇଛି। ରଙ୍ଗ ନମ୍ବର ଓ ଛବିରାଣୀ ଭଳି ସିନେମାର ନିର୍ଦ୍ଦେଶନା ଦେଇଥିବା ଜଣାଶୁଣା ନୃତ୍ୟ ନିର୍ଦ୍ଦେଶକ ବବି ଇସଲାମ୍। ମଳୟ ମିଶ୍ର ଏହାର ସଙ୍ଗୀତ ନିର୍ଦ୍ଦେଶକ। ବିଦିଶା କ୍ରାଫ୍ଟ ବ୍ୟାନରରେ ପ୍ରଯୋଜକ ବିଜୟ କାନ୍ଦୋଇ ଏହି ଓଡ଼ିଆ ଛବିର ନିର୍ମାଣ କରୁଛନ୍ତି।

# ୫୨ ବର୍ଷୀୟ ମହିମା ଚୌଧୁରୀ କରିବେ ଦ୍ୱିତୀୟ ବିବାହ



ଅଭିନେତ୍ରୀ ମହିମା ଚୌଧୁରୀ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ସେ ୨୦୦୬ ମସିହାରେ ବବି ମୁଖାର୍ଜୀଙ୍କୁ ବିବାହ କରିଥିଲେ। ୨୦୦୭ ମସିହାରେ ତାଙ୍କର ଝିଏଟିଏ ମଧ୍ୟ ଜନ୍ମ ହୋଇଥିଲା। ଦୁହେଁ ଅତି ଶ୍ରଦ୍ଧାରେ ଝିଅର ନାମ ଆର୍ଯ୍ୟାନ ମୁଖାର୍ଜି ରଖିଥିଲେ। କିନ୍ତୁ ତାଙ୍କର ଏହି ବିବାହ ବେଶୀ ଦିନ ପର୍ଯ୍ୟନ୍ତ ତିଷ୍ଠି ପାରିଲା ନାହିଁ। ସେ ବବିଙ୍କଠାରୁ ୨୦୧୩ ମସିହାରେ ଛାଡପତ୍ର ନେଇ ଆଇନଗତ ଭାବରେ ଅଲଗା ହୋଇଗଲେ। ଏବେ ମହିମା ତାଙ୍କ ଦ୍ୱିତୀୟ ବିବାହ ଉପରେ ପ୍ରତିକ୍ରିୟା ଦେଇଛନ୍ତି। ଏକ ସାକ୍ଷାତକାରରେ ମହିମା ତାଙ୍କ ଦ୍ୱିତୀୟ ବିବାହ ବିଷୟରେ କହିଥିଲେ। ସେ କହିଥିଲେ, 'ମୋର ଛାଡପତ୍ର ମାମଲା ଏପର୍ଯ୍ୟନ୍ତ ବିଚାରାଧୀନ ଅଛି। କିନ୍ତୁ ଏବେ ମୁଁ ପୁନଃବିବାହ ବିଷୟରେ ଅଧିକ ଚିନ୍ତା କରୁଛି। ଯେବେଠାରୁ ମୋର ଫିଲ୍ମ ଦୁର୍ଲଭ ପ୍ରସାଦଙ୍କ 'ଦୂସରୀ ଶାଦୀ'ରୁ ମୋର ଲୁକ୍ ଭାଇରାଲ ହୋଇଛି, ଲୋକମାନେ ମୁଁ ପୁଣି ଥରେ ବିବାହ କରିବାକୁ ଆଶା କରୁଛନ୍ତି। ମୁଁ ହାର ମାନି ନାହିଁ। ମୁଁ ବିବାହରେ ବିଶ୍ୱାସ କରେ। ମୁଁ ବିଶ୍ୱାସ କରେ ଯେ ଦୁଇଜଣ ଲୋକ ଏକାଠି ଜୀବନକୁ ସୁଖମୟ କରିପାରିବେ।' ମହିମା ଆହୁରି କହିଛନ୍ତି ଯେ, ' ବିବାହ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏକା ପିଲାମାନଙ୍କୁ ପାଳନ କରିବା ସହଜ ନୁହେଁ। ଆଜିର ସମୟରେ ବଡ ପରିବାର ପାଇଁ ସବୁବେଳେ ସମର୍ଥନ ମିଳେ ନାହିଁ। କେତେକ ସମୟରେ ଯେତେବେଳେ ଜଣେ ବ୍ୟକ୍ତି ଆଧୁନିକ ଏବଂ ଅନ୍ୟ ଜଣେ ରକ୍ଷଣଶୀଳ ହୋଇଥାଏ ସେତେବେଳେ ବିଭିନ୍ନ ସମସ୍ୟା ଉପୁଜେ। ବିବାହ ପାଇଁ ସବୁବେଳେ ବୁଝାମଣା ଆବଶ୍ୟକ ହୋଇଥାଏ।'ମହିମା ତାଙ୍କ ଜୀବନରେ ଅନେକ କଷ୍ଟର ସମ୍ମୁଖୀନ ହୋଇଛନ୍ତି। ଅଭିନେତ୍ରୀ କର୍କଟ ରୋଗରେ ମଧ୍ୟ ପୀଡିତ ଥିଲେ। ୨୦୨୨ ମସିହାରେ ତାଙ୍କୁ କର୍କଟ ରୋଗ ଚିହ୍ନଟ ହୋଇଥିଲା। ହେଲେ ଏବେ ସେ ଭଲ ଅଛନ୍ତି ଏବଂ ତାଙ୍କ କାମ ଉପରେ ଧ୍ୟାନ ଦେଉଛନ୍ତି। ୨୦୧୬ ପରେ, ସେ ଦି ସିଗନେଚର ଫିଲ୍ମରେ ନଜର ଆସିଥିଲେ। ସେ ଏମର୍ଜେନ୍ସି ରେ ପୁପୁଲ ଜୟକରଙ୍କ ଭୂମିକାରେ ମଧ୍ୟ ଅଭିନୟ କରିଥିଲେ । ଏହାଛଡା ସେ ଇବ୍ରାହିମ୍ ଅଲ୍ଲୀ ଖାନ ଏବଂ ଖୁସି କପୁରଙ୍କ ଫିଲ୍ମ ନାଦାନିଆନ୍ ରେ ମଧ୍ୟ ନଜର ଆସିଥିଲେ। ବର୍ତ୍ତମାନ ସେ ଦୁର୍ଲଭ ପ୍ରସାଦଙ୍କ 'ଦୂସରୀ ଶାଦୀ'ରେ ନଜର ଆସିବାକୁ ଯାଉଛନ୍ତି।

# ମିଥୁନଙ୍କ ଅନୁରୋଧରେ ଏହି ବଙ୍ଗଳା ସିନେମାରେ ଅଭିନୟ କରିଥିଲେ ରଜନୀକାନ୍ତ



ରଜନୀକାନ୍ତ ନିକଟରେ ତାଙ୍କର ୭୫ତମ ଜନ୍ମଦିନ ପାଳନ କରିଛନ୍ତି। ଦକ୍ଷିଣ ଭାରତୀୟ ସୁପରଷ୍ଟାର ତାମିଲ, ତେଲୁଗୁ, ହିନ୍ଦୀ, କନ୍ନଡ ଏବଂ ମାଲାୟଲମ ସିନେମାରେ ନିଜର ସ୍ୱତନ୍ତ୍ର ଅଭିନୟ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ଯଦିଓ ସେ ତାଙ୍କ ଚମତ୍କାର କ୍ୟାରିଅରରେ ଅନେକ ମାଇଲଖୁଣ୍ଟ ହାସଲ କରିଛନ୍ତି, ଆପଣ ହୁଏତ ଜାଣି ନଥିବେ ଯେ ରଜନୀକାନ୍ତ ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। ଏହା ଉଲ୍ଲେଖନୀୟ ଯେ ରଜନୀକାନ୍ତ ୧୯୯୫ର ବଙ୍ଗଳା ଆକ୍ସନ ଡ୍ରାମା 'ଭାଗ୍ୟ ଦେବତା'ରେ ଏକ ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ କ୍ୟାରିଅରରେ, ରଜନୀକାନ୍ତ କେବଳ ଏହି ଗୋଟିଏ ବଙ୍ଗଳା ଚଳଚ୍ଚିତ୍ରରେ କାମ କରିଥିଲେ। ଉଲ୍ଲେଖନୀୟ ଯେ ମିଥୁନ ଚକ୍ରବର୍ତ୍ତୀ ୧୯୯୫ର ପ୍ରସିଦ୍ଧ ନୃତ୍ୟ ନିର୍ଦ୍ଦେଶକ ରଘୁରାମଙ୍କ ନିର୍ଦ୍ଦେଶିତ 'ଭାଗ୍ୟ ଦେବତା' ଚଳଚ୍ଚିତ୍ରରେ ଗରିବଙ୍କ ପାଇଁ ଲଢୁଥିବା ଜଣେ ଯୋଦ୍ଧା ଜଗଦୀଶ ମଣ୍ଡଳଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଚଳଚ୍ଚିତ୍ରରେ ରଜନୀକାନ୍ତ ଏହାର ଟାଇଟଲ୍ ଗୀତରେ ଦେଖାଦେଇଥିଲେ । ରିପୋର୍ଟ ଅନୁଯାୟୀ, ମିଥୁନଙ୍କ ବ୍ୟକ୍ତିଗତ ଅନୁରୋଧରେ ରଜନୀକାନ୍ତଙ୍କୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ତାଙ୍କର କ୍ୟାମିଓ ଗୀତ ଦର୍ଶକଙ୍କ ମଧ୍ୟରେ ତୁରନ୍ତ ହିଟ୍ ହୋଇଥିଲା। 'ଭାଗ୍ୟ ଦେବତା'ରେ ସୌମିତ୍ର ଚାଟାର୍ଜୀ ଏବଂ ଋତୁପର୍ଣ୍ଣା ସେନଗୁପ୍ତାଙ୍କ ସମେତ ଅନେକ ପ୍ରମୁଖ ବଙ୍ଗୀୟ ତାରକା ମଧ୍ୟ ସାମିଲ ଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ରଜନୀକାନ୍ତ ଏବଂ ମିଥୁନ ପୂର୍ବରୁ ୧୯୮୯ର ହିନ୍ଦୀ ଚଳଚ୍ଚିତ୍ର 'ଭ୍ରଷ୍ଟାଚାର' ରେ ଏକାଠି କାମ କରିଥିଲେ ।

# ସମସ୍ତେ ଇଶ୍ୱର ବିଶ୍ୱାସୀ ହେବା ଉଚିତ୍ : ପ୍ରୀତିପଦ୍ମା ଦାସ



ଶବ୍ଦ ହେଉଛି ବ୍ରହ୍ମ ଓ ବ୍ରହ୍ମ ହେଉଛି ଶବ୍ଦ। ଏହି ଶବ୍ଦ ବ୍ରହ୍ମ ମଧ୍ୟରେ ଯିଏ ସର୍ବଦା ସାରସ୍ୱତ ଜଗତ ଓ ଶିକ୍ଷା ଜଗତରେ ଲେଖନୀ ଚାଳନା କରି ଓ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ାଇ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ସେ ହେଉଛନ୍ତି ଆମ ସମସ୍ତଙ୍କର ପ୍ରିୟ ମଣିଷ ପ୍ରୀତି ପଦ୍ମା ଦାସ। ଭଦ୍ରକ ଜିଲ୍ଲାର ବହୁ ଦରଡା ନିକଟସ୍ଥ ବିଷ୍ଣୁପୁର ଗ୍ରାମରେ ସେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତାଙ୍କ ନାମ ଭାସ୍କର ଚନ୍ଦ୍ର ଦାସ ଓ ମାତା ମାଳତୀ ଲତା ଦାସ। ସ୍ୱାମୀ ସୂର୍ଯ୍ୟକାନ୍ତ ପଣ୍ଡା। ପୁତ୍ର ଅଂଶୁମାନ ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଛନ୍ତି। ବର୍ତ୍ତମାନ ପ୍ରୀତିପଦ୍ମା ବିଷ୍ଣୁପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ତାଙ୍କର କବିତା ପୁସ୍ତକ ପ୍ରିୟ ପୁରୁଷ ପ୍ରକାଶ ପାଇଛି ଏବଂ ଏହାକୁ ଟାଇମ୍ ପାସ୍‌ର ପ୍ରକାଶକ କବି ସରୋଜ ବଳ ଛାପିଛନ୍ତି। ପ୍ରୀତି ପଦ୍ମାଙ୍କର ପ୍ରିୟ ପୁସ୍ତକ ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଶେଷ ବସନ୍ତର ଚିଠି, ପ୍ରତିଭା ରାୟଙ୍କ ଯାଜ୍ଞସେନୀ, ଶିଳା ପଦ୍ମ, ବିଭୂତି ପଟ୍ଟନାୟକଙ୍କ ପ୍ରେମିକା, ଶର୍ମିଷ୍ଠା, କର୍ଣ୍ଣ ପ୍ରଭୃତି। ବର୍ତ୍ତମାନର ବିଭିନ୍ନ ବିଷୟ ପଢ଼ି ସାରିବା ପରେ ଓ ସମାଜର ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟ କରି ପ୍ରୀତି ପଦ୍ମା କୁହନ୍ତି ସମସ୍ତେ ଇଶ୍ୱର ବିଶ୍ୱାସୀ ହେବା ଉଚିତ୍। କାରଣ ଇଶ୍ୱରଙ୍କ ନିର୍ଦ୍ଦେଶରେ ପୃଥିବୀ ଚାଲିଛି। ଅନେକ ସମୟରେ ବିଭିନ୍ନ ବହି ପଢ଼ିବା ସହିତ ସେ କବିତା ଲେଖିବାରେ ଆନନ୍ଦ ଲାଭ କରନ୍ତି। ସେ ଶିକ୍ଷା ସମ୍ପର୍କରେ କୁହନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପରେ କେବଳ ଶିକ୍ଷା ଦାନ କାର୍ଯ୍ୟ ନ୍ୟସ୍ତ କରାଯିବା ହିଁ ଉତ୍ତମ ତଥା ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପରିଚୟ। ସେ କୁହନ୍ତି ସମସ୍ତଙ୍କ ମଧ୍ୟରେ ସ୍ନେହ ପ୍ରେମ ଶ୍ରଦ୍ଧା ସମ୍ମାନ ରହିବା ଉଚିତ୍ ଏବଂ ବିଶ୍ୱାସ ଓ ଭରସା ମଧ୍ୟରେ ବାଟ ଚାଲିବାକୁ ପଡିବ। ଦେଶପ୍ରେମ, ଜାତୀୟତା ବୋଧ ଓ ଦେଶାତ୍ମକବୋଧକ କବିତା ଓ ପ୍ରବନ୍ଧ ପଢିବାକୁ ତାଙ୍କୁ ଖୁବ୍ ଭଲ ଲାଗେ। ସତ୍ୟ ସାଇ ସେବା ସଙ୍ଗଠନ ଓ ବିଭିନ୍ନ ସମାଜ ସେବା ମୂଳକ ଅନୁଷ୍ଠାନରେ ସେ କାର୍ଯ୍ୟ କରନ୍ତି। ସାହିତ୍ୟ ଜଗତରେ ନିଜର କୃତିତ୍ୱ ପାଇଁ ପ୍ରୀତିପଦ୍ମା ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଅନେକ ଦୁଃଖ କଷ୍ଟ ଯନ୍ତ୍ରଣାରେ ବାଟ ଚାଲିଲେ ମଧ୍ୟ ସେ ହସ ହସ ମୁହଁ ଓ ମିଠା ମିଠା କଥାରେ ପଦ୍ମ ପୁଷ୍ପ ପରି କାନ୍ତ କୋମଳ ହୃଦୟ ମଧ୍ୟରେ ସମସ୍ତଙ୍କୁ ଆପଣାର କରି ନିଅନ୍ତି। ଇଶ୍ୱରଙ୍କ କୃପାରୁ ପ୍ରୀତିପଦ୍ମାଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ। ଆମର ଏହା ହିଁ କାମନା।


**ଉପସ୍ଥାପନା:**

ପ୍ରଦୀପ୍ତ କୁମାର ମହାନ୍ତି

ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ

ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ

ମୋ:୯୯୩୭୯୭୬୩୫୧

# ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା କୁଆଁରମୁଣ୍ଡା ବ୍ଲକରେ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ

## କଚାରୁ ଗାଁର ମାଳତି ଓରାମ ନୃତ୍ୟ ଦଳ ଚମ୍ପିୟାନ୍



ରାଉରକେଲା,୧୮/୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସଆର ବିଭାଗ ଦ୍ୱାରା ଜନାଜାତିୟ ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ପ୍ରୟାସ ସ୍ୱରୂପ କୁଆଁରମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାଇକେନବାହାଲ ଗ୍ରାମରେ ଡିସେମ୍ବର ୧୫ ତାରିଖ ଦିନ ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ସିନର୍ଜି ଲୋକ ସଂସ୍କୃତି ମହୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରୁ ୩୦ ଟି ନୃତ୍ୟ ଦଳ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ଏହି ମହୋତ୍ସବର ଉଦଯାପନୀ ସମାରୋହରେ ଆରଏସପିର ଖଣି ଓଜିଓଏମ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଣି ବିଭାଗର ଜିଏମ ଶ୍ରୀ ତିଳକ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ଏହି ଅବସରରେ ସି ଏସ ଆର ବିଭାଗର ଜିଏମ ଇନ ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଡିଜିଏମ, ଶ୍ରୀ ଟି.ବି. ଟପ୍ପୋଙ୍କ ସମେତ ସି ଏସଏସ ଆର ବିଭାଗର ଅନ୍ୟ ବହୁ ଅଧିକାରୀ, ଏସଏଚଜି ଗ୍ରୁପ ସଦସ୍ୟ ତଥା ଉକ୍ତ ଗ୍ରାମର ବହୁ ବୟସ୍କ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ଏମ. ପି. ସିଂହ ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟର ସାଂସ୍କୃତିକ ପରିଚୟ ସଂରକ୍ଷଣରେ ଲୋକ ପରମ୍ପରାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସ୍ଥାନୀୟ କଳାକାରମାନଙ୍କୁ ଏକ ମଞ୍ଚ ପ୍ରଦାନ କରିବାରେ ସିଏସଆର ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଏପରି ପଦକ୍ଷେପ କେବଳ ପାରମ୍ପରିକ ଲୋକକଳାକୁ ପୋଷଣ କରେ ନାହିଁ ବରଂ ଗ୍ରାମାଞ୍ଚଳ ମଧ୍ୟରେ ସାମ୍ପ୍ରଦାୟିକ ବନ୍ଧନ ଏବଂ ଗର୍ବଭାବନାକୁ ମଧ୍ୟ ସୁଦୃଢ଼ କରିଥାଏ।

ଏହି ଅବସରରେ, ଶ୍ରୀ ତିଳକ ପଟ୍ଟନାୟକ ଅଂଶଗ୍ରହଣକାରୀ ଦଳଗୁଡ଼ିକ ଦ୍ୱାରା ପ୍ରଦର୍ଶିତ ଉତ୍ସାହ ଏବଂ ପ୍ରତିଭାକୁ ପ୍ରଶଂସା କରିଥିଲେ ଏବଂ କଳାକାରମାନଙ୍କୁ ସେମାନଙ୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ବ୍ୟକ୍ତିମାନେ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

କଚାରୁ ଗ୍ରାମର ମାଳତି ଓରାମ ନୃତ୍ୟ ଦଳ ଚମ୍ପିୟାନ ଭାବେ ଉଭା ହୋଇ ୧୦,୦୦୦ ଟଙ୍କା ଏବଂ ଟ୍ରଫି ହାସଲ କରିଥିଲା । ନାଇକେନବାହାଲ ଗ୍ରାମର ଜୟ କରମ ନୃତ୍ୟ ଦଳ ଦ୍ୱିତୀୟ ସ୍ଥାନରେ ରହି ୮,୦୦୦ ଟଙ୍କା ର ପୁରସ୍କାର ସହ ଏକ ଟ୍ରଫି ହାସଲ କରିଥିଲା । ସେହିଭଳି ତୃତୀୟ ସ୍ଥାନ ଅଧିକାର ପୂର୍ବକ ଜୱାକୁଦୁର ଗ୍ରାମର ପୁଷ୍ପା ନୃତ୍ୟ ଦଳକୁ ୬,୦୦୦ ଟଙ୍କା ପୁରସ୍କାର ଏବଂ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହିତ ଏଥିରେ ଅଂଶଗ୍ରହଣ କରି ଥିବା ପ୍ରତ୍ୟେକ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨,୫୦୦ ଟଙ୍କା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ଆରଏସପିର ସିଏସଆର ବିଭାଗ, ଶୁଭଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ, ସୁରଭି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶର୍ମା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତାରେ ଆୟୋଜିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ର ସମାବେଶକୁ ସ୍ୱାଗତ କରିଥିବା ବେଳେ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସି ଏସ ଆର ବିଭାଗ ର ସେକ୍ସନ ଅଫିସର ଶ୍ରୀ ବି ଏକ୍କା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାର୍ଶ୍ୱାଞ୍ଚଳର ବହୁସଂଖ୍ୟକ ଗ୍ରାମବାସୀ ଉପଭୋଗ କରିଥିଲେ।

# ବନ୍ୟଜନ୍ତୁ ଶିକାର ଏବଂ ଦେହାବଶେଷ ତସ୍କରୀ ମାମଲାର ଗୁମର ଖୋଲୁଛି ବନବିଭାଗ

ନୀଳଗିରି ,୧୮/୧୨ (ନି.ପ୍ର): କୁଳଡିହା ଅଭୟାରଣ୍ୟ ମଧ୍ୟରେ ଶିକାରୀଙ୍କ ଅବାଧରେ ଜନ୍ତୁଶିକାର କରିବାକୁ ନେଇ ବନବିଭାଗର ତତ୍ପରତା ପରେ ଗତ କିଛିଦିନ ମଧ୍ୟରେ ଅନେକ ଶିକାରୀ ବନବିଭାଗ ପଞ୍ଝାରେ ପଡିଛନ୍ତି। ତେବେ କୁହାଯାଏ ବାଲେଶ୍ୱର ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ବଳିଷ୍ଠ ରଣନୀତି, ଏସିଏଫ୍‌ଓ ଶୋଭନ ଦିଗନ୍ତ ଚାନ୍ଦ ଏବଂ ଏସିଏଫ୍‌ଓ ତଥା ଭାରାପ୍ରାପ୍ତ କୁଳଡିହା ରେଞ୍ଜଅଧିକାରୀ ସୁବ୍ରତ କୁମାର ବେହେରାଙ୍କ କୁଶଳୀ ନେତୃତ୍ୱରେ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରି ମାମଲାରେ ସୋର, ବାଗୁଡ଼ି ଏବଂ ନୀଳଗିରି ଅଞ୍ଚଳର ଏକ ବଡ ଗ୍ୟାଙ୍ଗକୁ ଠାବ କରିବାରେ ସଫଳ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମୋଟ ୯ଜଣକୁ ଗିରଫ କରିବାରେ ସଫଳ ହୋଇଛି ।ଏହି ଘଟଣାରେ ସଂପୃକ୍ତ ତିନିଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାରକରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନବିଭାଗ ଉଭୟ ମୃତ ଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତକରିବା ସହିତ ସେମାନଙ୍କୁ ଗିରଫକରି ଜେଲ ହାଜତକୁ ପଠାଇଦେଇଥିଲେ। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲଥିବା ତଥ୍ୟ ସାମ୍ନାକୁ ଆସିଥିଲା। ତେବେ ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଉଗାଳିଥିଲେ। ଏହାକୁ ଭିତ୍ତିକରି ଆଜି ଆଉ ୬ଜଣକୁ ଗିରଫ କରିଥିବା ସୂଚନା ମିଳିଛି। ଏମାନେ ଦାନ୍ତ, ଚମଡା,ନଖ, ହାଡ଼ ଇତ୍ୟାଦି ବନ୍ୟଜନ୍ତୁ ଦେହାବଶେଷ ତସ୍କରି କରିଥିବା ସ୍ୱୀକାର କରିଥିଲେ । ମୁଖ୍ୟତଃ ପୋତାଯାଇଥିବା ମୃତହାତୀର ଦେହାବଶେଷ ସଂଗ୍ରହକରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରିକରି ଉଚ୍ଚଦରରେ ବିକ୍ରି କରୁଥିବା ବନବିଭାଗ ସନ୍ଦେହକରିଛି। ତେବେ ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସଂପୃକ୍ତି ଅଛି ତାହାକୁ ଗୋପନୀୟ ଭାବେ ତଦନ୍ତ ଜାରିରଖିଥିବା ସୂଚନା ମିଳିଛି।

# ଶୀତରେ ଥରୁଛି ବଣ ପାହାଡ଼ ଘେରା କେନ୍ଦୁଝର ଜିଲ୍ଲା

କେନ୍ଦୁଝର,୧୮/୧୨ (ନି.ପ୍ର): ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଶୀତର ପ୍ରକୋପ ବୃଦ୍ଧି ଯୋଗୁଁ ଜିଲ୍ଲାବାସୀ ଅତିଷ୍ଠ ହୋଇ ପଡ଼ିଥିବାର ଦେଖାଯାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାରେ ପାରଦ ୧୦ଡିଗ୍ରୀ ତଳକୁ ରହିଥିବାରୁ ,ବର୍ତମାନ ସାରା ଜିଲ୍ଲା ଥଣ୍ଡା ରେ ଥରୁଛି.ଗତ କିଛିଦିନ ହେଲା କୋହଲା ପାଗ ସାଙ୍ଗକୁ ଶିରି ଶିରି ଧୀର ପ୍ୱନ ଶୀତର ପ୍ରକୋପକୁ ଆହୁରି ବୃଦ୍ଧି କରିଛି ।.ପ୍ରବଳ ଶୀତଯୋଗୁଁ ଲୋକମାନେ ସକାଳ ୯ ପୂର୍ବରୁ ଘରୁ ବାହାରୁ ନଥିବାବେଳେ ସନ୍ଧ୍ୟା ୭ ଟା ବେଳକୁ ରାସ୍ତା ଘାଟ ଲୋକଶୂନ୍ୟ ହୋଇପଡୁଛି.ଗତ ବର୍ଷ ଡିସେମ୍ବର ମାସରେ ତାପମାତ୍ରା ୧୨ ରୁ ୧୫ ଡିଗ୍ରୀ ରହିଥିବାବେଳେ ଚଳିତ ବର୍ଷ ଏହି ଡିସେମ୍ବର ମାସରେ କେନ୍ଦୁଝର ଜିଲ୍ଲା ରେ ପାରଦ ଖସି ୯. ୬ ଡିଗ୍ରୀରେ ପହଁଚିଛି, ସେହିଭଳି ବଣପାହାଡ଼ ନିକଟବର୍ତ୍ତୀ ଅଂଚଳ ବାଂଶପାଳ, ଶୁଆକାଠି, ଯୋଡ଼ା, ବଡ଼ବିଲ, କାଞ୍ଜିପାଣି, ଚମ୍ପୁଆ, ଖଣ୍ଡାଧାର, କିରିବୁର,ପ୍ରଭୃତି ଅଂଚଳ ଗୁଡିକ ତାପମାତ୍ରା ୮ ଡିଗ୍ରୀ ତଳକୁ ରହୁଥିବାରୁ ଉକ୍ତ ଅଂଚଳ ଅଧିବାସୀ ମାନେ ଶୀତର ପ୍ରକୋପ ରେ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହୋଇପଡୁଛନ୍ତି। ସହର ବଜାର ରେ ମଧ୍ୟ ଯୁଆଡେ ଚାହିଁବ ଶୀତ ପ୍ରକୋପରୁ ନିଜକୁ ସୁରକ୍ଷା ପାଇଁ ଭଳି ଭଳି ଶୀତ ବସ୍ତ୍ର, ମୁଣ୍ଡରେ ଟୋପି, ଗରିବ ଲୋକ ମାନେ କମ୍ବଳ, ଚାଦର ପ୍ରଭୃତି ଘୋଡାଇ ହୋଇ ନିଜ ନିଜ ଖଟି କରୁଥିବା ସ୍ଥାନମାନଙ୍କରେ ନିଆଁ ଜାଳି ସେକି ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛ। ଚଳିତ ବର୍ଷ ଗତ ନଭେମ୍ବର ମାସର ଶେଷସପ୍ତାହରେ ଜିଲ୍ଲାର ତାପମାତ୍ରା ୧୦.୩ ରେ ଖସିଥିବା ବେଳେ ଡିସେମ୍ବର ମାସ ୧ ତାରିଖରେ ତାପମାତ୍ରା ୧୩. ୨ ଡିଗ୍ରୀ ସେଲସିୟସ ୨ ତାରିଖରେ ୧୨. ୬, ଡିଗ୍ରୀ ୩ ତାରିଖରେ ୧୧. ୮,ଡିଗ୍ରୀ, ୪ ତାରିଖରେ ୧୧ ଡିଗ୍ରୀ ସେଲସିୟସ ରେ ପହଁଚି ଥିବାବେଳେ ୭ ତାରିଖ ପରେ ପରେ ପାରଦ ଖସି ୯/ ୧୦ଡିଗ୍ରୀ ସେଲସିୟସ ପହଁଚି ଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲାରେ ଏଭଳି ଶୀତର ପ୍ରକୋପ ରେ ବିଶେଷ କରି ବୟସ୍କ ଲୋକ ମାନଙ୍କ ଅବସ୍ଥା ଅଧିକ କଷ୍ଟକର ଆଗକୁ ଶୀତର ପ୍ରକୋପ ଆହୁରି ୨ ରୁ ୩ ଡିଗ୍ରୀ କମିବାର ଆଶଙ୍କା ଥିବାରୁ ଅତି ଆବଶ୍ୟକ ନଥିଲେ ଥଣ୍ଡାରେ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଥିବାର ଜଣାପଡ଼ିଛି।

# ପୋଲ ତଳକୁ ଖସି ଜଣେ ମୃତ

ଜୟପୁର,୧୮/୧୨ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ ଅନ୍ତା ଗ୍ରାମର ବାୟାଗୁଡା ନିକଟରେ ଏକ ପୋଲ ତଳକୁ ଗୋଡ ଖସି ଯୁବକର ମୃତ୍ୟୁ ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତ ବ୍ୟକ୍ତି ହେଲେ ଅନ୍ତା ଗ୍ରାମର ଲଛିମ ବାଘ(୪୮)। ପୁଲିସ ସୂଚନା ଅନୁଯାୟୀ ଗତ ରବିବାର ଦିନ ବାୟାଗୁଡା ଓ ଅନ୍ତା ମଧ୍ୟରେ ଥିବା ପୋଲ ନିକଟରେ ଲଛିମଙ୍କ ଗୋଡ ଖସି ପଡିଯାଇଥିଲେ। ପରେ ତାଙ୍କୁ ଜୟପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାଯୋଗୁଁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଜି ଚିକିତ୍ସା ସମୟରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲିଖିତ ଭାବେ ସଦରଥାନାରେ ଦେବା ପରେ ସଦରପୁଲିସ ଏକ ମାମଲା ରୁଜୁ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଦଶ ଦିବସୀୟ ଖୋର୍ଦ୍ଧା ମହୋତ୍ସବ -୨୦୨୫, ରୌପ୍ୟ ଜୟନ୍ତୀ ସମାରୋହ ଉଦ୍ଘାଟିତ

ଖୋର୍ଦ୍ଧା,୧୮/୧୨ (ନି.ପ୍ର): ଖୋର୍ଦ୍ଧା ମହୋତ୍ସବ ଗରିମାମୟ ସାମାଜିକ ଅଙ୍ଗ ଏବଂ ଅସ୍ମିତାର ନିଦର୍ଶନ: ମନ୍ତ୍ରୀ: ଶ୍ରୀଯୁକ୍ତ ବଳସାମନ୍ତ । ଖୋର୍ଦ୍ଧା ତା ୧୬.୧୨.୨୦୨୫ ରିଖ; ଖୋର୍ଦ୍ଧାର ଲଢୁଆ ପାଇକମାନଙ୍କ ବିରତ୍ୱ ସମଗ୍ର ରାଷ୍ଟ୍ର ଓ ଆଁନ୍ତରାଷ୍ଟ୍ରରେ ଅନନ୍ୟ । ଖୋର୍ଦ୍ଧା ମାଟିର ଯୋଗଜନ୍ମା ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ,ପିଣ୍ଡିକି ବାହୁବଳୀ, କୃତିବାସ ପାଟଶାଣୀ ଙ୍କ ଅବଦାନ ଖୋର୍ଦ୍ଧା ପାଇକ ମାଟିର ଗାଥା ବହନ କରେ । ଖୋର୍ଦ୍ଧା ବୟନ ଶିଳ୍ପର ଗନ୍ତାଘର । ୧୯୯୭ ଏବଂ ୧୯୯୮ ମସିହାରୁ ଉଦ୍ୟମ ହୋଇ ୨୦୦୦ମସିହାରୁ ଖୋର୍ଦ୍ଧା ମହୋତ୍ସବ ଘାତ ପ୍ରତିଘାତ ସତ୍ତ୍ୱେ ଆଜି ୨୫ ବର୍ଷ ପୂର୍ତ୍ତି ପାଳନରେ ଖୋର୍ଦ୍ଧା ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ସାମାଜିକ ମୂଲ୍ୟବୋଧ, ଅସ୍ମିତାର ନିଦର୍ଶନ ଯାହା ସମଗ୍ର ରାଷ୍ଟ୍ର ଓ ଅନ୍ତରାଷ୍ଟ୍ର ରେ ପରିଚିତ ବୋଲି ଆଜି ସନ୍ଧ୍ୟାରେ ମାନ୍ୟବର ସମବାୟ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରି ଉପରୋକ୍ତ ବିଷୟ ନିଜ ଉଦବୋଧନରେ ପ୍ରକାଶ କରିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଖୋର୍ଦ୍ଧା ମହୋତ୍ସବ ଜନଜୀବନର ବାସ୍ତବ ରୂପ, ସଂସ୍କୃତି, କୃଷିମେଳା, ମୀନା ବଜାର, ପାଇକ ଆଖଡ଼ା, ପାଇକ ଯୁଦ୍ଧାସ୍ତ୍ର ପ୍ରଦର୍ଶନୀ ଯୁବପିଢୀ ମାନେ ଉଜ୍ଜୀବିତ ରଖି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଅଭିମତରେ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ । ମହୋତ୍ସବ ଆୟୋଜନ କମିଟି ନିୟୁ ଥିଙ୍କିଙ୍ଗ ଫୋରମ୍ ର ସଭାପତି ଏବଂ ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ପୌରହିତ୍ୟରେ ଟି ଏଲ ସି ରୋଡ୍ ବି ଡି ଏ ପଡ଼ିଆରେ ଅନୁଷ୍ଠିତ ଉଦ୍ଘାଟନୀ ସମାରୋହରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ସ୍ୱାଗତ ସମ୍ଭାଷଣ ଓ ମହୋତ୍ସବର ଦୀର୍ଘ ୨୫ ବର୍ଷ ପୂର୍ତ୍ତିର ଇତିହାସ ସମ୍ବଧରେ ବକ୍ତବ୍ୟ ରଖି ଚଳିତ ବର୍ଷ ମହୋତ୍ସବ ଯୁବ ପିଢ଼ିକୁ ଏବଂ ଖୋର୍ଦ୍ଧା ଜିଲ୍ଲାକୁ ବିକଶିତ ଜିଲ୍ଲା ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନକୁ ଦିଗ ଦର୍ଶନ ଦେବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଆଧୁନିକ ଖୋର୍ଦ୍ଧା ନିର୍ମାଣର ବିନ୍ଧାଣି ଜିତେନ୍ଦ୍ରିୟ ନାଥ ମିତ୍ର, ସଭାପତି, ଜିଲ୍ଲାପରିଷଦ, ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ , ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ସମାଜ ସେବୀ ନିକୁଞ୍ଜ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ମହାପାତ୍ର, ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାର ଐତିହ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅତିଥି ପରିଚୟ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ପ୍ରଦାନ କରିଥିଲେ । ଅତି ଆନନ୍ଦ ଉଲ୍ଲାସ ମଧ୍ୟରେ ଆତସ ବାଜି କାର୍ଯ୍ୟକ୍ରମ ମଧ୍ୟରେ ଅତିଥି ମାନଙ୍କୁ ଉପଢ଼ୌକନ ମହୋତ୍ସବ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍ଘାଟନୀ ସମାରୋହରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ହୋତା,ବହୁ ଜନପ୍ରତିନିଧି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ନାଗରିମାନେ ଓ ବହୁ ସଂଖ୍ୟାରେ ଜନ ସମାବେଶ ହୋଇଥିଲା ।

# ଟାଟା ପାୱାରର ମନମାନି ବିରୋଧରେ କର୍କଟ ଆକ୍ରାନ୍ତ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଜୟପୁର,୧୮/୧୨ (ନି.ପ୍ର): ଜୟପୁର ୧ ନମ୍ବର ୱାର୍ଡର ଜଣେ ମହିଳାଙ୍କ ଘର ଉପରେ ୩୩ କେଭି ଲାଇନ ପୋଲ କୁ ହଟାଇବାକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କେହି ନଶୁଣିବାରୁ ଆଜି ବାମୁଣୀ ଗାଁ ସ୍ଥିତ ଟିପି ସାଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ କାର୍ଯ୍ୟାଳୟରେ ମହିଳା ଏବଂ ତାଙ୍କ ମା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମହିଳା ଜଣକ ହେଲେ ସଂଯୁକ୍ତା ସାହୁ। କିଛି ବର୍ଷ ହେଲା ସେ ଜୟନଗର ଅଂଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ବାନ୍ଧି ରହୁଛନ୍ତି। ଘର ଉପରେ ୩୩ କେଭି ଲାଇନ ଯାଇଥିବା ଯୋଗୁଁ ବାରମ୍ବାର ଘରର ଲୋକ କରେଂଟ ଝଟକା ଖାଇବା ସହ ଘରର ଆସବାବ ପତ୍ର ପୋଡିଯାଉଥିବା ଅଭିଯୋଗ କରିଛନ୍ତି। ମହିଳା ଜଣକ କର୍କଟ ପିଡିତା ଥିବା ବେଳେ ତାଙ୍କ ଘରେ ଥିବା ତାଙ୍କ ମା ଜଣେ ଶାରିରିକ ଅକ୍ଷମ ଅଟନ୍ତି। ୨୦୧୯ ମସିହାରେ ମହିଳା ଜଣକ ଘରେ ନଥିବା ସମୟରେ ଟାଟା ପାୱାରର କର୍ମଚାରୀ ମାନେ ଘର କାନ୍ଥକୁ ଲଗାଇ ୩୩ କେଭି ତାର ବିନା ଅନୁମତିରେ ନେଇଯାଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଏହି ୩୩ କେଭି ତାର ଓ ପୋଲ ଉଠାଇବାକୁ ମହିଳା ଜଣକ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ ସାଉଥକୋ କାର୍ଯ୍ୟାଳୟ ବୁଲିବା ପରେ ମଧ କିଛି ଉପାୟ ନ ବାହାରିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପଠାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯୋଗ ଶୁଣିବା ପରେ କୋରାପୁଟ ଜିଲ୍ଲାପାଳଙ୍କୁ ଏହି ସମସ୍ୟାର ସମାଧାନ କରିବା ପାଇଁ ଜଣାଇଲେ। ଟାଟା ପ୍ୱାର ପକ୍ଷରୁ ୧ଲକ୍ଷ ୨୦ ହଜାର ଟଙ୍କା ଜମା କରାଇଲେ ପୋଲ ସ୍ଥାନାନ୍ତର କରାଯିବ ବୋଲି ଚିଠି ଆସିବା ପରେ ମହିଳା ଜଣକ ଜିଲ୍ଲାପାଳଙ୍କୁ ଭେଟିଥିଲେ। ଜିଲ୍ଲାପାଳ ଏନେଇ କିଛି କରି ହେବ ନାହିଁ କିନ୍ତୁ ମୁଁ ୩୦ ହଜାର ଟଙ୍କା ସାହାଯ୍ୟ କରିପାରିବି ବୋଲି କହିଥିଲେ। ମହିଳା ଜଣକ କର୍କଟ ପିଡିତା ଥିବା ଯୋଗୁଁ ଏତେ ଗୁଡିଏ ଟଙ୍କା କେମିତି ଯୋଗାଡ କରିବ ଭାବି ଆତ୍ମହତ୍ୟାକୁ ଆପଣାଇଥିଲେ। ଆଜି ପେଟ୍ରୋଲ ଧରି ଏକଜୁକଟିଭ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଁଚି ଅଟକାଇଥିଲେ। ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ପହଁଚି ଏନେଇ ଉଚ୍ଚ ପଦସ୍ତ ଅଧିକାରୀଙ୍କ ସହ କଥା ହୋଇ ସମାଧାନର ବାଟ ବାହାର କରାଯିବ ବୋଲି କହିବା ପରେ ମହିଳା ଜଣକ ଘଟଣା ସ୍ଥଳରୁ ଯାଇଥିଲେ।

# ଚାଷୀ ଘେରିଲେ ଜିଲ୍ଲା ଯୋଗାଣ ଆଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର,୧୮/୧୨ (ନି.ପ୍ର): କୋରାପୁଟ ଜିଲ୍ଲାରେ ଧାନ ମଣ୍ଡି ଉଦଘାଟନ ହୋଇଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଚାଷୀଙ୍କ ଧାନ କ୍ରୟ ହୋଇପାରିନାହିଁ । ଏହିପରି ତୁରନ୍ତ ଧାନ ମଣ୍ଡିକୁ କାର୍ଯ୍ୟକାରୀ କରିବା ଏବଂ ଟୋକେନ ପ୍ରଦାନ କରାଯାଇଥିବା ଚାଷୀଙ୍କ ଧାନ କ୍ରୟ ଦାବି ନେଇ ଜିଲ୍ଲାର ଜୟପୁର ଉପଖଣ୍ଡର ୫ଟି ବ୍ଲକର ଚାଷୀ ମାନେ ଆଜି ସ୍ଥାନୀୟ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରିବା ସହିତ କୃଷକ କଲ୍ୟାଣ ମଂଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି । ଏଥିରେ ଜିଲ୍ଲାରେ ଉଭୟ ଧାନ ସମେତ ମକା ମଣ୍ଡିକୁ ମଧ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଚାଷୀଙ୍କ ଅମଳ ଧାନ ଓ ମକା ଫସଲ କ୍ରୟ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସରକାର ଓ ପ୍ରଶାସନ ପକ୍ଷରୁ ଉଭୟ ଫସଲ ମଣ୍ଡିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଲେ ଚାଷୀ ମାନେ ଅଭାବୀ ବିକ୍ରିର ଶିକାର ହେବା ସହିତ ବ୍ୟବସାୟୀ ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇ ବାଧ୍ୟବାଧକତା ହୋଇ କମ ମୂଲ୍ୟରେ ଉଭୟ ଫସଲ ବିକ୍ରି କରିବାକୁ ବାଧ ହେବେ । ତେଣୁ ଜିଲ୍ଲା ପ୍ରଶାସନ ଓ ସରକାର ତୁରନ୍ତ ଏଥିପ୍ରତି ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି । ଗତ ୧୧ ତାରିଖରେ ଚାଷୀ ମାନଙ୍କ ଅମଳ ଧାନ କ୍ରୟ ନିମନ୍ତେ ଜିଲ୍ଲାରେ ମଣ୍ଡି ଉଦଘାଟିତ ହୋଇଯାଇଛି । କିନ୍ତୁ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହୋଇଯାଇଛି କିନ୍ତୁ ଚାଷୀଙ୍କ ଗୋଟିଏ କିଲୋ ଧାନ କ୍ରୟ ହୋଇପାରିନାହିଁ । ତେଣୁ ଚାଷୀ ମାନଙ୍କୁ ତୁରନ୍ତ ଟୋକେନ ପ୍ରଦାନ କରାଯାଇ ଆସନ୍ତା ଜାନୁୟାରୀ ମାସ ଶେଷ ସୁଦ୍ଧା ଚାଷୀଙ୍କ ସମସ୍ତ ଧାନ କ୍ରୟ କରାଯାଉ । ଏହିପରି ଯେଉଁ ଦିବସରେ ଚାଷୀଙ୍କୁ ଧାନ କ୍ରୟ କରାଯିବା ନେଇ ଦିନ ଧାର୍ଯ୍ୟ ହେବ ଉକ୍ତ ଦିନ ହିଁ ଧାନ ଉଠାଯାଇ ଚାଷୀଙ୍କୁ ଭେଣ୍ଡର ରସିଦ ପ୍ରଦାନ କରାଯାଉ । ଏହିପରି ନିୟମ ଅନୁଯାୟୀ ମଣ୍ଡିରେ ଧାନ ଓଜନ କରାଯାଇ ସେଠାରେ କ୍ରୟ ଫସଲକୁ ଢଳେଇ କରାଯାଇ କ୍ରୟକାରୀ ସଂସ୍ଥା ପକ୍ଷରୁ ମିଲର କିମ୍ବା ଯୋଗାଣ ବିଭାଗର ଖାଲି ଅଖାରେ ଧାନ ଭରି କରାଯାଇ ପ୍ରଦାନ କରାଯିବା ସହିତ ହେଣ୍ଡେଲିଙ୍ଗ କାର୍ଯ୍ୟ କରାଯାଉ । ସେହିପରି ଗତବର୍ଷ ଖରିଫ ଓ ରବି ମଣ୍ଡିର ଖାଲି ଅଖା ଓ ହେଣ୍ଡେଲିଙ୍ଗ ଚାର୍ଜ ଚାଷୀଙ୍କୁ ପ୍ରଦାନ କରାଯାଉ ଯାହାରକି ଆନୁମାନିକ ମୂଲ୍ୟ ୧୨ କୋଟିରୁ ଉର୍ଦ୍ଧ୍ୱ ହେବ ସରକାର ଚାଷୀଙ୍କୁ ନିଜର ଘୋଷଣା ମୁତାବକ ୩୧୬୯ ଟଙ୍କା କ୍ୱିଣ୍ଟାଲ ପିଛା ପ୍ରଦାନ କରନ୍ତୁ ଏବଂ ଜିଲ୍ଲାପାଳଙ୍କୁ ଧାନ କ୍ରୟର ସମସ୍ତ କ୍ଷମତା ପ୍ରଦାନ କରାଯାଉ । ମଣ୍ଡିରେ ଚାଷୀ ଙ୍କ ଟୋକେନ ଅନୁଯାୟୀ ବିକ୍ରି କଲାପରେ ଚାଷୀଙ୍କ ବଳକା ଧାନ ସରକାର ପକ୍ଷରୁ ହିଁ କ୍ରୟ କରାଯାଉ । ପରିବହନ ଗାଡିରେ ଭିଟିଏସ (ଜିପିଆରଏସ) ଲଗାଯିବା ସହିତ ଦଲାଲ ମୁକ୍ତ ମଣ୍ଡି କରାଯାଉ ଏଫଏକ୍ୟୁ ନାମରେ ଅଧିକ ଧାନ ଦାବି କରାଯାଇ ଚାଷୀଙ୍କ ପ୍ରତି ହେଉଥିବା ଶୋଷଣ ବନ୍ଦ କରାଯାଉ ବର୍ତମାନ ଜିଲ୍ଲାରେ ଧାନ ଓ ମକା କ୍ୱିଂଟାଲ ପ୍ରତି ୧୬୦୦ ରୁ ୧୭୦୦ ଟଙ୍କା ମଧ୍ୟରେ ବ୍ୟବସାୟୀଙ୍କ ଦ୍ୱାରା କ୍ରୟ ଚାଲିଛି ଏଣୁ ତୁରନ୍ତ ଧାନ ଓ ମକା ମଣ୍ଡି ଜିଲ୍ଲା ମହୋତ୍ସବ ପରବ ପୂର୍ବରୁ ଆରମ୍ଭ କରାଯାଉ ଏବଂ ବିଗତ ଦିନରେ ହୋଇଥିବା ମଣ୍ଡି ହେଣ୍ଡଲିଂ ଚାର୍ଜ ରାଶି ଚାଷୀଙ୍କୁ ପ୍ରଦାନ କରାଯାଉ ।

# ଦୁଇଦିନିଆ ସାଂସଦ ଖେଳ ମହୋତ୍ସବ-୨୦୨୫ ଉଦ୍‌ଘାଟିତ



ନୀଳଗିରି,୧୮/୧୨ (ନି.ପ୍ର): ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାରେ ସାରା ଭାରତବର୍ଷରେ ସାଂସଦ ଖେଳ ମହୋତ୍ସବ - ୨୦୨୫ ଚାଲିଥିବା ବେଳେ ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୀଳଗିରି ବ୍ଲକ ସଦରମହକୁମା ଥାନାପଡିଆ ଠାରେ ସାଂସଦ ଖେଳ ମହୋତ୍ସବ-୨୦୨୫ ଉଦଘାଟିତ ହୋଇଯାଇଛି। ଏହି ଶୁଭ ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ମାନ୍ୟବର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଶ୍ରୀଯୁକ୍ତ ଚନ୍ଦ୍ରବିନ୍ଦୁ ଦାସ ଯୋଗ ଦେଇଥିଲା ବେଳେ ଅନ୍ୟାନ୍ୟ ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ଏନ୍. ଏ. ସି କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଈଶ୍ୱର ଚନ୍ଦ୍ର ବେହେରା, ସମାଜସେବୀ ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ନନ୍ଦ, ସାଂସଦ ପ୍ରତିନିଧି ଡ: ପ୍ରକାଶ ମହାପାତ୍ର, ସମାଜସେବୀ ସବ୍ୟସାଚୀ ମହାପାତ୍ର, ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ମିହିର ଦାସ, ଶିଶିର ରାଉତ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରଫୁଲ୍ଲ ଦଳେଇ, ପ୍ରବୀଣ ନାୟକ, ରବୀନ୍ଦ୍ର ନାୟକ,ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ସୁରଞ୍ଜନ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଖେଳ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ବି. ଡି. ଓ. ଶ୍ରୀଯୁକ୍ତ ପରିଡା ଅଧକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭବେ ଏନ୍. ଏ. ସି. କାର୍ଯ୍ୟନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ବେହେରା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା ସହିତ ଶିକ୍ଷାକୁ ମଧ ଗୁରୁତ୍ୱ ଦେବାପାଇଁ ପ୍ରେରଣା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ୯୮ଗୋଟି ଶିକ୍ଷାନୁଷ୍ଠାନର ୪ଗୋଟି ଜୋନରୁ ଆସିଥିବା ୧୮ ବର୍ଷରୁ କମବୟସର ୫୧୨ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।ଏହି ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ। ଏହି ସାଂସଦ ଖେଳ ମହୋତ୍ସବରେ ବିଭିନ୍ନ ଖେଳ ମଧ୍ୟରେ ଫୁଟବଲ, ଭଲିବଲ,କବାଡି, ଖୋ ଖୋ, ଦଉଡ଼ି ଟଣା ଓ ଏଥଲେଟ ଅନ୍ତର୍ଭୁକ୍ତ। ଏହି ଖେଳ ମହୋତ୍ସବକୁ କ୍ରୀଡା ସଂଯୋଜକ ଶ୍ରୀଯୁକ୍ତ ଦେବାଶିଷ ଆଚାର୍ଯ୍ୟ ଏବଂ ବ୍ଲକ କ୍ରୀଡା ସମ୍ପାଦକ ଶ୍ରୀଯୁକ୍ତ ହାଜମ ମର୍ଣ୍ଡି ପରିଚାଳନା କରିଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡା ଶିକ୍ଷକ/ ଶିକ୍ଷୟତ୍ରୀ ଗଣ ସହଯୋଗ କରିଥିଲେ।

# ସଂବିଧାନର ସୁରକ୍ଷାପାଇଁ ସାମ୍ପ୍ରଦାୟିକ ଶକ୍ତିଙ୍କୁ ପରାସ୍ତ କର: ସିପିଆଇ ଶତବାର୍ଷିକୀ ସଭାରେ ଆହ୍ୱାନ

ବାଲେଶ୍ୱର, ୧୮/୧୨ (ନି.ପ୍ର): ଦେଶରେ ସାଂପ୍ରଦାୟିକ ଶକ୍ତିକୁ ପରାସ୍ତ କରିବା ସଙ୍ଗେସଙ୍ଗେ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଏବଂ ବାମପନ୍ଥୀ ଶକ୍ତିର ଐକ୍ୟବଦ୍ଧ ସଂଗ୍ରାମ ଅତ୍ୟନ୍ତ ଜରୁରୀ ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ)ର ଶତବାର୍ଷିକୀ ସମାରୋହର ସାଧାରଣ ସଭାରେ ଆହ୍ୱାନ। ଭାରତବର୍ଷର ପ୍ରଥମ କମ୍ୟୁନିଷ୍ଟ ପାର୍ଟି ସି.ପି.ଆଇ ପ୍ରତିଷ୍ଠାର ଶତବାର୍ଷିକୀ ଅବସରରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ମିଳିତ ସମାବେଶ ଓ ସାଧାରଣ ସଭା ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଗୁରୁବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରେଳଷ୍ଟେସନରୁ ପୂର୍ବାହ୍ଣ ୧୦ଟାରେ ଏକ ବିଶାଳ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀ ସ୍ମୃତି ଭବନ ପରିସରରେ ପହଞ୍ଚିଥିଲା। ପାର୍ଟିର ବର୍ଷୀୟାନ ସାଥୀ କୈଳାସ ଚନ୍ଦ୍ର ପଣ୍ଡା ପାର୍ଟିର ଲାଲ ପତାକାକୁ ଉତ୍ତୋଳନ କରିଥିଲେ। 'ଲାଲ୍‌ଝଣ୍ଡା-ଲାଲ୍ ସଲାମ' ଧ୍ୱନୀରେ ଗାନ୍ଧୀସ୍ମୃତି ଭବନ ପରିସର ପ୍ରକମ୍ପିତ ହୋଇଥିଲା। ଶତବାର୍ଷିକ ସମାରୋହର ସାଧାରଣ ସଭାରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ସାଧାରଣ ସଂପାଦକ ଭାଗବତ ପ୍ରତିହାରୀ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥି ଓ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ମାନସ ବେହେରା ଓ ପ୍ରଫେସର ଅଶୋକ ପଟ୍ଟନାୟକ ସେମାନଙ୍କ ବକ୍ତବ୍ୟରେ ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା କମ୍ୟୁନିଷ୍ଟମାନଙ୍କ ସ୍ମୃତିଚାରଣ କରି ସ୍ୱାଧୀନ ଭାରତବର୍ଷ ଗଠନ କରିବାରେ କମ୍ୟୁନିଷ୍ଟମାନଙ୍କର ଗୌରବମୟ ଐତିହାସିକ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ। ସଂପ୍ରତି ଆମ ଦେଶ ଓ ରାଜ୍ୟ ଶାସନରେ ଥିବା ଫାସୀବାଦୀ ଶକ୍ତିମାନେ ସେମାନଙ୍କର ରାହୁ ପୁଞ୍ଜିପତି ବନ୍ଧୁମାନଙ୍କୁ ସରକାରୀ ସମ୍ପତ୍ତି ବିକ୍ରି କରିବା ଆଳରେ ଦାନ କରି ଚାଲିଛନ୍ତି। କଳେବଳେକୌଶଳେ କଳାଧନକୁ ସମ୍ବଳ କରି ଇଭିଏମ୍ ମେସିନ୍ ବଳରେ ଶାସନକ୍ଷମତା ଦଖଲ କରି ଚାଲିଛନ୍ତି। ଜାତି ଓ ଧର୍ମ ନାମରେ ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରୁଛନ୍ତି। ତେଣୁ ସେମାନଙ୍କୁ ପରାସ୍ତ କରିବାପାଇଁ ଦେଶର ସମସ୍ତ ବର୍ଗର ନିଷ୍ପେସିତ ଜନଗଣଙ୍କର ଐକ୍ୟବଦ୍ଧ ସଂଗ୍ରାମ ପାଇଁ ଉଭୟ ବକ୍ତା ଆହ୍ୱାନ ଦେଇଥିଲେ। ସିପିଆଇର ରାଜ୍ୟ ସଂପାଦକ ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର ସମାରୋହକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସହ ସଂପାଦକ ଜୟନ୍ତ ଦାସ, କାର୍ଯ୍ୟକାରୀ କମିଟି ସଭ୍ୟ ନିରଂଜନ ବାରିକ, ନାରୀନେତ୍ରୀ ବନଲତା ଯେନା, ପ୍ରଭାବତୀ ଦାସ, ସୁହାଗୀ ମାଝୀ, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଭଦ୍ରକ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ନେତା ହୃଷିକେଶ ସାହୁ, ବର୍ଷୀୟାନ୍ ନେତା କରୁଣାକର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥାଇ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଦିବଂଗତ କମ୍ୟୁନିଷ୍ଟ ନେତାମାନଙ୍କର ଉତ୍ତରାଧିକାରୀଙ୍କୁ ମରଣୋତ୍ତର ସମ୍ମାନ ଓ ବର୍ଷୀୟାନ୍ ନେତାମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ କିଶୋର ରାଉତ ଓ ତାଙ୍କ ସାଥୀମାନେ ବୈପ୍ଳବିକ ସ୍ୱାଗତସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ଏକକ ନୃତ୍ୟ ପରିବେଷଣ କରି ଉପସ୍ଥିତ ସମସ୍ତଙ୍କୁ ବିମୋହିତ କରିଥିଲେ। ଶତବାର୍ଷିକ ସ୍ମରଣିକାକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଭା ପରିଚାଳନାରେ ମାୟାଧର ନାୟକ, ଶ୍ୟାମସୁନ୍ଦର ଜେନା, ପ୍ରଭାତ ମିଶ୍ର, ବନ୍ଦନା ବିଶ୍ୱାସ ଶୋଭାଯାତ୍ରା ପରିଚାଳନାରେ ଛାତ୍ରନେତା କାହ୍ନୁଚରଣ ପରିଡ଼ା, ମନୋରଂଜନ ରାଉତ, ରୁଚିସ୍ମିତା ବାରିକଙ୍କ ସମେତ ବିଜୟ ସ, ଶଶିକାନ୍ତ ପଣ୍ଡା, ଦେବେନ୍ଦ୍ର ଜେନା, ତପନ ସିଟ୍, ଯତୀନ୍ ପାତ୍ର, ରମେଶ ଜେନା, ମାନସ ମହାପାତ୍ର, ନାରାୟଣ ତ୍ରିପାଠୀ, ଗୌରହରି ମିଶ୍ର, ପୁରଷ୍ତମ ସେଠୀ, ଶରତଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ ଓ ଦିବାକର ପଣ୍ଡା ପ୍ରମୁଖ ଦାୟିତ୍ୱ ସଂପାଦନ କରିଥିଲେ।

## ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ୪୨ତମ ଶିଶୁ ମହୋତ୍ସବ

ଖଇରା, ୧୮/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଛିପୁର ହାଇସ୍କୁଲ ପରିସରରେ ବୁଧବାର ୪୨ତମ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଓଷ୍ଟା ଖଇରା ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ମନୋରଞ୍ଜନ ଦାସ,ପୂର୍ବତନ ସଭାପତି ଜିତେନ୍ଦ୍ର ବେହେରା ମୁଖ୍ୟବକ୍ତା,ହାଇସ୍କୁଲର ପ୍ରଧାନଶିକ୍ଷକ ରାମଚନ୍ଦ୍ର ପତ୍ରୀ, ବିଜୟ କୁମାର ପାତ୍ର,ଜୟନ୍ତ କୁମାର ପଣ୍ଡା, ରମେଶ ଚନ୍ଦ୍ର ପୁହାଣ, ପ୍ରଦୀପ କୁମାର ବେହେରା, ହରିପଦ ଭୂୟାଁ,ଉତ୍ତମ କୁମାର ଲେଙ୍କା, ଭାଗିରଥି ଖଟୁଆ, ରାଜ କିଶୋର ମିଶ୍ର, ନାରାୟଣ ମହାପାତ୍ର, ଦେବେନ୍ଦ୍ର ରାଉତ, ଗଜେନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ଉଦଯାପନୀ ସଭାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା,ସରପଞ୍ଚ ମନୋରଞ୍ଜନ ସାହୁ,ଜିଲା ପରିଷଦ ସଭ୍ୟ ରଶ୍ମିତା ମହାପାତ୍ର,ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଦୁର୍ଗାମାଧବ ଓଝା ଓ ପ୍ରଶାନ୍ତ କୁମାର ହୋତା ମଞ୍ଚ ଆହ୍ୱାନ,ନରସିଂହ ପାଣି ବେଦପାଠ କରିଥିଲେ। ହରିହର ପତ୍ରୀଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ବେତନଟୀ ପ୍ରିମିୟର ଲିଗ୍ ଦ୍ୱିତୀୟ ଦିନ : ଜଗନ୍ନାଥ ଉଆରିୟର୍ସ ଓ ଜୟ ଶ୍ରୀରାମ ଫାଇଟର ବିଜୟ

ବେତନଟୀ, ୧୮/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୨ର ଦ୍ୱିତୀୟ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଟି ୧୧ ଷ୍ଟାର ମୋରଡା ଓ ଜଗନ୍ନାଥ ଉଆରିୟର୍ସ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ କାଲ ଭୈରବ ଓ ଜୟ ଶ୍ରୀରାମ ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ୨୦ ଓଭରରେ ୯ ୱିକେଟ ହରାଇ ୯୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଜଗନ୍ନାଥ ଉଆରିୟର୍ସ ୧୦.୫ ଓଭରରେ ୨ ୱିକେଟ ହରାଇ ୧୦୦ ରନ କରି ବିଜୟ ଲାଭ କରିଥିଲା। ଜଗନ୍ନାଥ ଉଆରିୟର୍ସର ଖେଳାଳି ତାପସ ନାୟକ ୪ ଓଭରରେ ୨୩ ରନ୍ ଦେଇ ୪ ୱିକେଟ୍ ନେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ କାଲ ଭୈରବ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରଥିଲା। ଜୟ ଶ୍ରୀରାମ ଫାଇଟର ୧୬.୫ ଓଭରରେ ୨ ୱିକେଟ ହରାଇ ୧୭୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଏଥିରେ ଜୟ ଶ୍ରୀରାମ ଫାଇଟର ଖେଳାଳି ସୁଧାକର ନାଏକ ୫୬ ବଲରେ ୧୦୬ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍‌ଙ୍କୁ ଯୁବ ବ୍ୟବସାୟୀ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ପୂର୍ବତନ ଖେଳାଳି ଅଭିନାଶ ନାୟକ ପୁରସ୍କୃତ କରିଥିଲେ। ଏହି ଖେଳକୁ ସୁଧାକର ପଣ୍ଡା ଓ ଅନୁପ କୁମାର ଦଣ୍ଡପାଟ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ଟିକି ମହାନ୍ତ ଓ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ସୋରଜ ନାଥ ପରିଚାଳନା କରିଥିଲେ।




# ଧାନ ମଣ୍ଡି ଖୋଲିବାର ବିଳମ୍ବକୁ ନେଇ ଜିଲ୍ଲାପାଳଙ୍କୁ ଚିଠି

ଜଳେଶ୍ୱର, ୧୮/୧୨ (ନି.ପ୍ର): ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେବା କୁ ନେଇ ଜିଲ୍ଲାପାଳ ଙ୍କୁ ଚିଠି।ଧାନ ମଣ୍ଡି ଖୋଲିବା କୁ ବିଳମ୍ବ ହେବାରୁ ଚାଷୀ ମାନେ ବିଭିନ୍ନ ଆଡୁ ଧାର କରଜ କରି ଚାଷ କରିଛନ୍ତି। ଧାନ ମଣ୍ଡି ଖୋଲିବା ରେ ବିଳମ୍ବ ହେବାରୁ ଧାର କରଜ ଶୁଝିବା ପାଇଁ ବଙ୍ଗ ବ୍ୟାପାରି ଙ୍କୁ କମ୍ ଦାମ କ୍ୱିଣ୍ଟାଲ ୧୬୦୦ ଟଙ୍କା ଦାମ ରେ ବିକୁଛନ୍ତି। ଏ ନେଇ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବା ପାଇଁ ମିଳିଛି। ଏ ନେଇ ଆଜି ଜଳେଶ୍ୱର ବ୍ଲକ୍ ରାଇବଣିଆ ଏବଂ ମାକିଡିଆ ସେବା ସମବାୟ ସମିତି ରେ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହେବା ରୁ ଗୁରୁବାର ଚାରି ଘଟିକା ସମୟ ରେ ବିଭିନ୍ନ ଦାବି ନେଇ ଚାଷୀ ମାନଙ୍କୁ ନେଇ ମାକିଡ଼ିଆ ହାଟ ପଡିଆ ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ଯତୀନ୍ଦ୍ର ନାଥ ମହାନ୍ତି ଙ୍କ ଅଧକ୍ଷତା କରିଥିଲେ। ବିଭିନ୍ନ ଦାବି ନେଇ ଜିଲ୍ଲାପାଳ ଙ୍କୁ ଚିଠି କରିଥିଲେ। ଯଥା ସାତଦିନ ମଧ୍ୟରେ ଧାନ ମଣ୍ଡି ଖୋଲିବାର ସୁବ୍ୟବସ୍ଥା କରାଯାଉ, ସମସ୍ତ ପଞ୍ଜିକରଣ ଚାଷୀ ମାନଙ୍କ ର ଧାନ ଟୋକନ୍ ଅନୁସାରେ ଶତ ପ୍ରତିଶତ ସରକାରୀ ଧାର୍ଯ୍ୟ ମୂଲ୍ୟ ରେ କିଣାଯାଉ, ଟିକୋନ୍ ମୁତାବକ ସମବାୟ ସମିତି କୁ ଟାର୍ଗେଟ ଦିଆଯାଉ, ଟୋକୋନ୍ ଅନୁସାରେ ହିସାବ କରି ଟାର୍ଗେଟ ସିଏସଓ ଧାର୍ଯ୍ୟ କରନ୍ତୁ। ଏହି ବୈଠକ ରେ ଦିଲ୍ଲୀପ କୁମାର ସାମଲ, ଅଶୋକ କୁମାର ଚାନ୍ଦ, ଚନ୍ଦ୍ର ମୋହନ କାପୁଡ଼ି, ଗୌତମ ସେନ, ଶ୍ୟାମ ସୁନ୍ଦର ଅଧିକାରୀ, ବାସୁଦେବ କୋଇଲା, ସୁଶାନ୍ତ ଘୋଷ, ରତିକାନ୍ତ ବାରିକ, ପ୍ରଭାକର ଚାନ୍ଦ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ।



## ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ପକ୍ଷରୁ ଧାରଣା

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ନ୍ୟାସନାଲ ହେରାଲ୍ଡ ମାମଲାରେ ବିଜେପିର ଷଡଯନ୍ତ୍ର ବିରୋଧରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ମହାତ୍ମା ଗାନ୍ଧୀ ପାର୍କଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଥିଲେ ଯେ ଗାନ୍ଧୀ ପରିବାରକୁ ବଦନାମ କରିବାପାଇଁ ବିଜେପି ଯେଉଁ ଚକ୍ରାନ୍ତ କରିଥିଲା ସେଥିରେ ସୁପ୍ରିମକୋର୍ଟ କଂଗ୍ରେସକୁ ଦୋଷମୁକ୍ତ କରି ବିଜେପିର ଅସଲ ମୁଖାକୁ ଖୋଲି ଦେଇଛନ୍ତି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ମନୋରଞ୍ଜନ ଦାଶ,ଜୟକୃଷ୍ଣ ସୁବୁଦ୍ଧି, ଖଗେଶ୍ୱର ମଲ୍ଲିକ,ପ୍ରମୁଖ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ବାର୍ଷିକ ଶିଶୁ ଉତ୍ସବ

ବାସୁଦେବପୁର, ୧୮/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିନାୟକପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ବାସୁଦେବପୁର ପକ୍ଷରୁ ୪୨ ତମ ବାର୍ଷିକ ଶିଶୁ ଉତ୍ସବ ଓ ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଲିକ, ବିନାୟକପୁର ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପାତ୍ର,ବାରାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଜ୍ୟୋତି ପ୍ରକାଶ ଲେଙ୍କା, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ, ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ମଲ୍ଲିକ, ଶିକ୍ଷାବିତ୍ ବିଷ୍ଣୁ ଚରଣ ଦାସ, ସମିତି ସଭ୍ୟ ରଞ୍ଜିତା ମଲ୍ଲିକ, ଓଷ୍ଟା ର ଜିଲ୍ଲା ଯୁଗ୍ମ ସମ୍ପାଦକ ଅରୁଣ କୁମାର ଶତପଥୀ, ପ୍ରାକ୍ତନ ସଭାପତି ବିଷ୍ଣୁ ମୋହନ ସାହୁ ପ୍ରମୁଖ ବିଶେଷ ଅତିଥି ଓ ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ହସିଲେ ଦୁନିଆଁ ହସେ। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସମ୍ପାଦକ କମଳାକାନ୍ତ ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ଅମୂଲ୍ୟ ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାମଚନ୍ଦ୍ର ହେମ୍ବ୍ରମ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ତର୍କ, କଣ୍ଠ ସଙ୍ଗୀତ, କବିତା ରଚନା, ସାଧାରଣ ଜ୍ଞାନ, କୁଇଜ ପ୍ରଭୃତି ବିଭିନ୍ନ ପ୍ରତି ଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏହି ଅବସରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସୁନ୍ଦର ଓ ଆକର୍ଷଣୀୟ କାର୍ଯ୍ୟକ୍ରମରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିରୋଧୀଙ୍କ ହଟ୍ଟଗୋଳ...

ଏମିତିକି ବିଲ୍‌କୁ ଫାଡ଼ି ବାଚସ୍ପତିଙ୍କ ଚୌକି ଆଡ଼କୁ ଫୋପାଡ଼ି ଥିଲେ। ତେଣୁ ବିଲ୍ ପାରିତ ହେବା ମାତ୍ରେ ବାଚସ୍ପତି ଓମ ବିର୍ଲା ଗୃହକୁ ଅଜି ପାଇଁ ମୁଲତବି ଘୋଷଣା କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିରୋଧୀ ଦଳର ସାଂସଦମାନେ ଏହି ବିଲ୍‌କୁ ବିରୋଧ କରି ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ଓ ସୋନିଆ ଗାନ୍ଧୀ ମଧ ଏଥିରେ ସାମିଲ ହୋଇଥିଲେ। ୨୦୦୫ରୁ ମନରେଗାରେ ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ୧୦୦ ଦିନର କାମ ମିଳୁଥିଲା। ଏବେ କେନ୍ଦ୍ର ସରକାର 'ଭିବି ଜି ରାମ ଜି' ଜରିଆରେ ୧୨୫ ଦିନ କାମ ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଖାଲି ସେତିକି ନୁହେଁ, ଲୋକଙ୍କୁ ମିଳିଥିବା କାମ ଶେଷ ହେବାର ଗୋଟିଏ ସପ୍ତାହ କିମ୍ବା ୧୫ ଦିନ ମଧ୍ୟରେ ମଜୁରୀ ବାବଦ ଟଙ୍କା ଦିଆଯିବ। ଯଦି ଟଙ୍କା ଠିକ ସମୟରେ ମିଳିବ ନାଁ, ତା'ହେଲେ ବିଲ୍‌ରେ ବେକାରୀ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ମଧ ରହିଛି। 'ଭିବି ଜି ରାମ ଜି' କାମକୁ ୪ଟି ବର୍ଗରେ ବିଭକ୍ତ କରାଯାଇଛି। ଜଳ ସୁରକ୍ଷା, ଗ୍ରାମୀଣ ଭିତ୍ତିଭୂମି, ଜୀବିକା ଭିତ୍ତିଭୂମି ଓ ବିପର୍ଯ୍ୟୟ ପ୍ରଶମନ ଭଳି ୪ଟି ବର୍ଗରେ ଲୋକଙ୍କୁ କାମ ମିଳିବ। ଚାଷ ସମୟରେ ଏହି ସବୁ କାମ ଆଦୌ କରାଯିବ ନାହିଁ। କାରଣ ଏହି ସମୟରେ ଗ୍ରାମାଞ୍ଚଳର ଲୋକମାନେ ଚାଷ କାମରେ ବ୍ୟସ୍ତ ରହିବେ। ଚାଷ କାମ ଶେଷ ହେବା ପରେ ଏହି ଯୋଜନାରେ ଲୋକଙ୍କୁ କାମ ଯୋଗାଇ ଦିଆଯିବ। ଯୋଜନାରେ ସ୍ୱଚ୍ଛତା ରଖିବା ପାଇଁ ବାୟୋମେଟ୍ରିକ ଓ ଜିଓଟ୍ୟାଗିଂକୁ ବ୍ୟବହାର କରାଯିବ।

### ଭିଜିଲାନ୍ସ ଜାଲରେ ...

କିନ୍ତୁ ଅଭିଯୁକ୍ତ ପ୍ରେମିକ ବିବାହ ପାଇଁ ରୋକ୍ ଠୋକ୍ ମନା କରିବା ଦ୍ୱାରା ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଯୁବତୀଙ୍କୁ ଥାନା ଅଧିକାରୀ ସୁକୁମା ହାଁସଦା ନ୍ୟାୟ ଦେବା ପରିବର୍ତ୍ତେ ୨୦ ହଜାର ଟଙ୍କା ଲାଞ୍ଚ ମାଗି ଥିଲେ। ଗରିବ ପରିବାରର ଝିଅ ହୋଇଥିବାରୁ ଏନେଇ ? ପୀଡ଼ିତା ଜଣେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ଏହାପରେ ପରିବାର ଲୋକ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ସମ୍ପର୍କୀୟ ସୁରେଶ ସୁବୁଦ୍ଧିଙ୍କୁ ଠାରୁ ନଗଦ ୨୦ ହଜାର ଟଙ୍କା ନେଇ ଥାନାରେ ପହଞ୍ଚିଥିଲେ ପୀଡ଼ିତା। ଥାନା ଅଧିକାରୀ ସୁକୁମା ହାଁସଦା ଲାଞ୍ଚ ନେବା ବେଳେ ଥାନା କାର୍ଯ୍ୟାଳୟରେ ମାଡ଼ି ବସିଲା ଭିଜିଲାନ୍ସ ଟିମ୍।

### ଶୀତଲହରୀ ସହ...

ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟନ କ୍ଷେତ୍ର କଳିଙ୍ଗା ଘାଟି, ବଟାନିକାଲ ଗାର୍ଡେନ, କାଲିଗାଡୁ ହିଲଟପ ଏବଂ ସିର୍କୀ ଇକୋ ପାର୍କରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଥଣ୍ଡାର ମଜା ଉଠେଇବା ପାଇଁ ଭୋର ଏବଂ ରାତିରେ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଭିଡ଼ ଜମେଇବାରେ ଲାଗୁଛନ୍ତି। ପ୍ରବଳ ଥଣ୍ଡା ଦାଉରୁ ରକ୍ଷା ପାଇବା ପାଇଁ ନିଆଁର ସାହାରରେ ଗରିବ ଲୋକ ରାତି ବିତାଉଛନ୍ତି।

### ମଣ୍ଡି ବ୍ୟବସ୍ଥାକୁ ନେଇ...

ନବରଙ୍ଗପୁରରେ ଧାନ ମଣ୍ଡି ଖୋଲିଥିଲେ ମଧ ଧାନ ବିକ୍ରି ହୋଇପାରୁନି। ଅନେକ ଚାଷୀଙ୍କ ଟୋକନ୍ ଆସିନି। ସେପଟେ ମିଲର୍ସଙ୍କ ସହ ଅନୁବନ୍ଧିତ ହୋଇନଥିବାରୁ ଧାନ କିଣା ଯାଇପାରିନଥିବା ଅଭିଯୋଗ କରିଛନ୍ତି ଚାଷୀ। ରାୟଗଡ଼ାର ଗୁଣପୁର ଓ ପଦ୍ମପୁରରେ ଏଯାଏଁ ମଣ୍ଡି ଖୋଲିନି। ଗଞ୍ଜାମ ଦିଗପହଣ୍ଡିରେ ମଣ୍ଡି ଖୋଲିନି। ଫଳରେ ଆନ୍ଧ୍ର ବେପାରୀ ଏହାର ଫାଇଦା ନେଇ ଅଧାରୁ କମ ଦାମରେ ଧାନ ଉଠାଉଛନ୍ତି। ଧାନ କ୍ୱିଣ୍ଟାଲ ୩୧୦୦ ଟଙ୍କା ଥିବା ବେଳେ ମାତ୍ର ୧୪୦୦ ଟଙ୍କାରେ ଆନ୍ଧ୍ର ଦଲାଲଙ୍କୁ ବିକ୍ରି କରୁଛନ୍ତି ଚାଷୀ। ବର୍ଷ ସାରା ଧାର, କରଜ କରି ଚାଷ କରିଥିବା ଚାଷୀ, ଅମଳ ସମୟରେ ଅସହାୟ ହୋଇପଡୁଛି। ଶେଷରେ ଅନ୍ୟ କିଛି ଉପାୟ ନପାଇ କମ ଦରରେ ଦଲାଲଙ୍କ ହାତକୁ ଟେକିଦେଉଛି ନିଜ ବର୍ଷକର ପରିଶ୍ରମ। ତେବେ ଏହି ସମସ୍ୟାର ସମାଧାନ କେବେ, ତାହାର ଉତ୍ତର କାହା ପାଖରେ ନାହିଁ।

### ସୁକମାରେ ସୁରକ୍ଷାକର୍ମୀଙ୍କ...

ଏହି ଗୁଳିମାଡ଼ରେ ୩ଜଣ ଯବାନ ସହିଦ ହୋଇଥିଲେ। ଅନ୍ୟପଟରେ ସୁରକ୍ଷା ବାହିନୀର ଗୁଳିମାଡ଼ରେ ୧୨ଜଣ ମାଓବାଦୀ ନିପାତ ହୋଇଥିଲେ। ରିପୋର୍ଟ ଲେଖାଯିବା ବେଳକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଘଟଣାସ୍ଥଳ ଅଭିମୁଖେ ଅତରିକ୍ତ ସୁରକ୍ଷା ବାହିନୀ ପହଞ୍ଚିଥିଲେ। ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଏକ ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ ସୁରକ୍ଷାବାହିନୀକୁ ସୂଚନା ମିଳିଥିଲା। ଏହି ଆଧାରରେ ସୁରକ୍ଷାବାହିନୀର ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ। ସୁରକ୍ଷାବାହିନୀକୁ ଦେଖିବା ପରେ ମାଓବାଦୀମାନେ ବିଚଳିତ ହୋଇପଡ଼ିଥିଲେ। ସେମାନେ ଅଙ୍କୁଶ ଲଗାଇ ବସିଥିବାରୁ ପୂର୍ବ ଯୋଜନା ଅନୁସାରେ ଯବାନଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପନୀ ଦିବସ

ବେତନଟୀ, ୧୮/୧୨ (ନି.ପ୍ର): ବେତନଟୀ ବ୍ଲକ ସଠିଲୋ ପଞ୍ଚାୟତ ଅଧୀନ ତୁଳସୀଚୈରା ମିନି ଷ୍ଟାଡିୟମରେ ବେତନଟୀ ବ୍ଲକ ସାଂସଦ ଖେଳ ମହୋତ୍ସବର ସଂଯୋଜକ ଜୀବନ ପରିଡ଼ା ଙ୍କ ନେତୃତ୍ୱରେ ଦୁଇଦିନିଆ ବ୍ଲକ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଯାପନୀ ଦିବସ ପାଳନ ହୋଇଯାଇଛି, ଏଥିରେ ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୁତାର ଯୋଗଦାନ କରି ଖେଳାଳି ମାନଙ୍କୁ ଉଦବୋଧନ ଦେବା ସହ ପୁରସ୍କାର ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ ନନ୍ଦି, ବିକାଶ ଦାସ, ଚନ୍ଦ୍ରଶେଖର ବେରା,ଖିତିଷ ମହାନ୍ତ, ରାକେଶ ମହାନ୍ତ,ଜଗା ଦାସ, ହିମାଂଶୁ ମହାନ୍ତ,ସୁମନ୍ତ ପରିଡ଼ା, ଲକ୍ଷ୍ମୀଧର ବିନ୍ଧାଣି, ବିଶ୍ୱଜିତ ପରିଡ଼ା, ଶିବାନନ୍ଦ ମହାନ୍ତ, ଲୋକନାଥ ଜେନା, ତପସ୍ୱୀ ରାଉତ,ଦିପ୍ତିକାନ୍ତ ସେଠୀ,ପିତାମ୍ବର ମହାପାତ୍ର, ଚିତ୍ତରଞ୍ଜନ ଦାସ,କେଶବ ନାଥ, ସଂଜୀବ ଜେନା, ଅଶୋକ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏଥି ସହିତ ବେତନଟୀ ବ୍ଲକର ସମସ୍ତ ବିଦ୍ୟାଳୟ ରୁ ବିଭିନ୍ନ ଖେଳାଳି ଏଥିରେ ଯୋଗଦାନ କରିଥିଲେ।



WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No. -S.E.-57/2025-26

1. Number of works - 02 (Two) numbers Electrical & Road works
2. Approximate estimated cost: - 2.26 to 15.55 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 22.12.2025 to 01.01.2026
5. Last Date / Time of receipt of bid in the portal :- Dt. 01.01.2026 up to 5.00 PM
6. Date of Opening of bid:- Dt. 02.01.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR: 34025/11/0030/2526

# ସତ୍ୟବାଦିତା, ନିର୍ଭୀକତା ଓ ଏକାଗ୍ରତା ହିଁ ସଫଳତାର ମୂଳମନ୍ତ୍ର

ବାରିପଦା , ୧୮/୧୨ (ନି.ପ୍ର): ସ୍ଥାନୀୟ ମହାରାଜାକୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭା କକ୍ଷେର ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟେର ଏକ ଶ୍ରୀମଦ୍ ଭଗବଦ୍ ଗୀତା କୁଇଜ ପ୍ରତଯୋଗିତା ଓ ଅଲୋଚନା ଚକ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟେର ଅନୁଷ୍ଠିତ ହୋଇଯାଇଛି । ଏହି ଅଲୋଚନା ଚକ୍ରେର ମୁଖ୍ୟ ଅଲୋଚକ ଭାବେ ଜଗନ୍ନାଥ ସଂସ୍କୃତିର ଗେବଷକ ତଥା ଗୀତା ପ୍ରଚାରକ ଭାଗବତ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ସଫଳ ଓ ସାଥର୍କ ମଣିଷ ହେବା ପାଇଁ ଶ୍ରୀମଦ୍ ଭଗବଦ୍ ଗୀତାର ବାଣୀକୁ ଆଧାର କରି ସତ୍ୟବାଦିତା, ନିଭିର୍କତା ଓ ଏକାଗ୍ରତା ଭଳି ଗୁଣର ଅଧିକାରୀ ହେବାକୁ ପରାମର୍ଶ ଦେବା ସହିତ ତ୍ୟାଗ ହିଁ ଗୀତାର ସାରମର୍ମ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଆଧାତ୍ମିକ ପ୍ରବକ୍ତା ଡା. ପାଥର୍ସାରଥୀ ଜେନା ଜୀବନେର ଦେଖାଯାଉଥିବା ସମସ୍ତ ସମସ୍ୟାର ସମାଧାନର ପନ୍ଥା ଶ୍ରୀମଦ୍ ଭଗବଦ୍ ଗୀତରେ ନିହିତ ବୋଲି ଉଲ୍ଲେଖ କରିବା ସହ ଜୀବନକୁ ସୁଧାରିବା ପାଇଁ ଗୀତାକୁ ଆଶ୍ରୟ କରିବା ଉଚିତ ବୋଲି ମନ୍ତବ୍ୟ ଦେଇଥିଲେ । ବିଶିଷ୍ଟ ସଂଗୀତ ନିର୍ଦ୍ଦେଶିକା ସୁଶ୍ରୀ ଭାରତୀ ବେବର୍ତ୍ତା ଅନ୍ୟତମ ବକ୍ତାଭାବେ ଛାତ୍ରଛାତ୍ରୀମାନଙ୍କର ଶୃଙ୍ଖଳିତ ଜୀବନ ପାଇଁ ଗୀତାର ବାଣୀକୁ ସମେସ୍ତ ଆଚରଣେର ପ୍ରକାଶ କରିବା ଉଚିତ୍ ବୋଲି କହିଥିଲେ । ଏହି ଅବସରେର ଅନୁଷ୍ଠିତ ପ୍ରତଯୋଗୀତରେ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ନୈତିକ ଦାସ ଓ ନବଜିତ୍ ସାସମଲ ତଥା ଅଷ୍ଟମ ଶ୍ରେଣୀ ଛାତ୍ର ଅଙ୍କିତ ଦାସ ଯଥାକ୍ରେମ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରି ବେଦଙ୍କ ନିତ୍ୟାନନ୍ଦ ପଣ୍ଡା ସ୍ମୃତି ପୁରସ୍କାର ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅପର୍ଣ କରିଥିଲେ ।

# ଗାଳ୍ପିକା ଅବନ୍ତୀ ବେହେରାଙ୍କ ‘ଅର୍ଗଳିରେ ବେକ’ ପାଠକାର୍ପିତ



ଭୁବନେଶ୍ୱର , ୧୮/୧୨ (ନି.ପ୍ର): ସମାଜରେ ମାନବିକ ମୂଲ୍ୟବୋଧ, ମାନବୀୟ ସଂସ୍କାର ଓ ସର୍ବୋପରି ସାଂସ୍କୃତିକ ଅବକ୍ଷୟ ଦିନକୁ ଦିନ ଅଧପତିତ ହେବାରେ ଲାଗିଛି, ଯେଉଁଥିପାଇଁ ସମାଜରେ ବିଭିନ୍ନ ସଂକଟ ଦେଖାଦେଇଛି ବୋଲି ଗତକାଲି ରାଜ୍ୟସ୍ତରୀୟ ଭୁବନେଶ୍ୱର ପୁସ୍ତକ ମେଳା ପରିସରରେ ଗାଳ୍ପିକା ଅନନ୍ତୀ ବେହେରାଙ୍କ ଗଳ୍ପ ସଙ୍କଳନ ‘ଅର୍ଗଳିରେ ବେକ’ ପୁସ୍ତକକୁ ଉନ୍ମୋଚିତ କରି ପ୍ରଥିତଯଶା କବି ଫନୀ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଅବନ୍ତୀ ବେହେରାଙ୍କ ଗଳ୍ପରେ ସମାଜର ଅବହେଳିତ ମଣିଷଙ୍କ ସ୍ୱର ସହ ସାମାଜିକ ଅବକ୍ଷୟର ଶାଣିତ ପ୍ରତିବାଦ ରହିଛି ବୋଲି ଶ୍ରୀଯୁକ୍ତ ମହାନ୍ତି କହିବା ସହ ଏହି ପୁସ୍ତକ ମଣିଷର ମାନସିକତା ପରିବର୍ତ୍ତନରେ ସହାୟକ ହେବ। ବିଶିଷ୍ଟ କବି, ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧକ୍ଷତା ଅନୁଷ୍ଠିତ ଏହି ପାଠକାର୍ପଣରେ ବିଶିଷ୍ଟ କବି ତଥା ଶିକ୍ଷାବିତ ଶଶାଙ୍କ ଶେଖର ସାହୁ,ବରିଷ୍ଠ ଗାଳ୍ପିକା ଓ ଔପନ୍ୟାସିକା ଶ୍ରୀମତୀ ଗୋଲାପ ମଂଜରୀ କର, କବି ତଥା ଟାଇମ୍ ପାସ୍ ପ୍ରକାଶନୀର ନିର୍ଦ୍ଦେଶକ ସରୋଜ ବଳ,ଆର.ଏନ. ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ତଥା କବି ଡକ୍ଟର ବନମାଳୀ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲାବେଳେ ଗାଳ୍ପିକା ଅବନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମତୀ ବେହେରାଙ୍କ ଏହି ତୃତୀୟ ଗଳ୍ପ ସଙ୍କଳନ ଅର୍ଗଳୀରେ ବେକ ଟାଇମ୍ ପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି। ଶ୍ରୀମତୀ ବେହେରାଙ୍କର ବିଷରୁ ଅମୃତ ଓ ବାଟ ବରଗଛ ଦୁଇଟି ଗଳ୍ପ ସଙ୍କଳନ ମଧ୍ୟ ପ୍ରକାଶିତ ହୋଇଛି।

# ୧୦ କେଜି ଗଞ୍ଜେଇ ଜବତ

ବସ୍ତା ୧୮/୧୨(ନିପ୍ର): ଅବକାରୀ ମୋବାଇଲ ସ୍କ୍ୱାର୍ଡର ଚଢଉ,୧୦ କେଜି ଗଞ୍ଜେଇ ସମେତ ଗୋଟିଏ ବାଇକ ଜବଦ, ଜଣେ ବେପାରୀ ଗିରଫ, ବାଲେଶ୍ୱର ଜିଲ୍ଲା ରୂପ୍ସା ଥାନା ଅନ୍ତର୍ଗତ ବରହମପୁର ଛକରେ ଚଢଉ କରି ଗଞ୍ଜେଇ ଜବଦ କରିଛି ଅବକାରୀ ବିଭାଗ ।ବାଇକ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଚଢାଉ କରିଥିଲା ଅବକାରୀ ବିଭାଗ। ଗିରଫ ବ୍ୟକ୍ତିଙ୍କ ଘର ଜଳେଶ୍ୱର ଥାନା ଅଞ୍ଚଳର କୋଠ ସାହି ଗ୍ରାମର ମନୋରଞ୍ଜନ ଘୋଷ ।ଅବକାରୀ ବିଭାଗର ଇନ୍ସପେକ୍ଟର ମୋନାଜ କୁମାର ସେଠୀ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ହରିହର ସିଂହ, ସବ ଇନ୍ସପେକ୍ଟର ଭାବେଶ ଦାସ,ଏ ଏସ ଆଇ ଲମ୍ବୁଧର ମହନ୍ତ ସଦବଳେ ପହଞ୍ଚି ଗଞ୍ଜେଇ ଜବତ କରିବା ସହ ଏକ ବାଇକ ଜବତ କରିଛନ୍ତି । ଜବଦ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ସୂଚନା।

# ଠାକୁର ଅନୁକୂଳଚନ୍ଦ୍ର ବାଲେଶ୍ୱର ଜିଲାସ୍ତରୀୟ ସତ୍‌ସଙ୍ଗ



ବସ୍ତା,୧୮।୧୨(ନିପ୍ର):ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଶୁଭ ୧୩୮ତମ ଆବିର୍ଭାବ ମହା ମହୋତ୍ସବ ତଥା ବାଲେଶ୍ୱର ଜିଲ୍ଲା ସ୍ତରୀୟ ସତସଙ୍ଗ ଉତ୍ସବ ଆଗାମୀ ୨୧ ତାରିଖରେ ବସ୍ତା ବ୍ଲକ ଛଚିନା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ।ଏହି ପରିପ୍ରେକ୍ଷୀରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ରୀତିକ ଡ଼ଃ ଅଜିତ କୁମାର ଦାସ ଓ କେଦାର ନାଥ ମହାନ୍ତି କହିଛନ୍ତି ଯେ ଏଥିରେ ୩୦ ରୁ ୪୦ ହଜାର ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏତେ ଭକ୍ତଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ପାଇଁ ବ୍ୟବସ୍ଥା କରାଯାଇଛି।ଦିବସ ବ୍ୟାପି ସାଧାରଣ ସଭା, ନଗର ସଂକୀର୍ତ୍ତନ ପରିକ୍ରମା, ଚିକିତ୍ସିକ , ମାତୃ ସମ୍ମିଳନୀ, ସଂଗୀତାଞ୍ଜଳି, ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ, ସତସଙ୍ଗ, ପ୍ରସାଦ ସେବନ ପ୍ରଭୃତି ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସତସଙ୍ଗ ମହୋତ୍ସବକୁ ‘ଐଶାୟନୀ’ ବୋଲି ଆଖ୍ୟା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ହୃଦୟ ରଞ୍ଜନ ତ୍ରିପାଠୀ, ରତ୍ନାକର ପଣ୍ଡା, ଅଭିନ୍ନ କୁମାର ପଟ୍ଟନାୟକ,ସଞ୍ଜୟ କୁମାର ପାତ୍ର,ଚକ୍ରଧର ଜେନା, ବାସୁଦେବ ବିହାରୀ, ରାଜେନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ପଟ୍ଟନାୟକ, ଭାସ୍କର ଚନ୍ଦ୍ର ବାରିକ,ସୁଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜୀବନ ସଂଗ୍ରାମୀ ଦିବାକର ସାହୁଙ୍କ ପ୍ରଥମ ମୃତ୍ୟୁ ବାର୍ଷିକୀ ପାଳନ

ଭଦ୍ରକ, ୧୮/୧୨ (ନି.ପ୍ର): ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟିର ପୂର୍ବତନ ସଭ୍ୟ, ପାଳସାହି ଗ୍ରାମ ପଞ୍ଚାୟତ ର ପୂର୍ବତନ ସମିତି ସଭ୍ୟ, ଧୁଷୁରୀ ଓ ଧାମନଗର ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା, ଆଜୀବନ ସଂଗ୍ରାମୀ ଦିବାକର ସାହୁଙ୍କ ପ୍ରଥମ ମୃତ୍ୟୁ ବାର୍ଷିକ ପରିପ୍ରେକ୍ଷୀରେ ଏକ ସ୍ମୃତି ଚାରଣ ସଭା ତାଙ୍କ ପାଳସାହି ସ୍ଥିତ ବାସଭବନ ପରିସରରେ ‘ଆଜୀବନ ସଂଗ୍ରାମୀ ଦିବାକର ସ୍ମୃତି ସଂସଦ’ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ‘ସାମ୍ୟବାଦ’ ଆଦର୍ଶରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ରହି ସାଧାରଣ ମଣିଷଙ୍କ ସେବା କରିବା ସହ ମେହନତି ମଣିଷଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ସେ ସର୍ବଦା କରୁଥିବା ସଂଗ୍ରାମ ସଂପର୍କରେ ସ୍ମୃତିଚାରକ ମାନେ ଆଲୋଚନା କରିଥିଲେ । ଗରିବ ମଣିଷଙ୍କ ଜମି ର ଅଧିକାର ଦାବିରେ ବୃହତ୍ ପୁଞ୍ଜିପତି ମାନଙ୍କ ଜମିଲୁଣ୍ଠନ ବିରୁଦ୍ଧରେ ଲଢେଇ କରି ସେ ସର୍ବଦା ମାତୃଭୂମି ର ବନ୍ଦନା କରୁଥିଲେ ବୋଲି ବକ୍ତା ବୃନ୍ଦ ପରିପ୍ରକାଶ କରିଥିଲେ । ଆଗାମୀ ବର୍ଷକ ଭିତରେ ସଂଗ୍ରାମୀ ଦିବାକରଙ୍କ ଏକ ତାମ୍ର ପ୍ରତିମୂର୍ତ୍ତି ବେତାଳିଗାଁ ବଜାରରେ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲା ପ୍ରଶାସନ ପାଖରେ ଦାବି କରାଯିବ ବୋଲି ସ୍ମୃତି ସଂସଦ ପକ୍ଷରୁ ପ୍ରକାଶ କରାଯାଇଛି । ଏହି ସ୍ମୃତି ଚାରଣ ସଭାରେ ସ୍ମୃତି ସଂସଦ ର ସଭାପତି ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିବା ବେଳେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର ବେହୁରିଆ,ଚାଷୀ ନେତା ମାର୍କଣ୍ଡ ଜେନା, ସିପିଆଇ(ଏମ) ଧୁଷୁରୀ ଆଞ୍ଚଳିକ କମିଟି ସଂପାଦକ ରମେଶ ସାହୁ, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ଖଟୁଆ, ବରିଷ୍ଠ ନେତା ଯୁଧିଷ୍ଠିର ମହାପାତ୍ର, ଯୁବନେତା କୈଳାସ ବାରିକ୍, ଯୁବନେତା ପ୍ରଶାନ୍ତ ସାହୁ, ଚାଷୀ ନେତା ଚିତ୍ରସେନ ଜେନା, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଯୁବନେତା ଆଶିଷ ସାହୁ, ଛାତ୍ରନେତ୍ରୀ ସୁଶ୍ରୀ ସଂଗୀତା ମହାଳିକ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

# ନୀଳଗିରି କ୍ରିକେଟଲିଗ୍ ସିଜିନ-୫ : ଦ୍ୱିତୀୟ ଦିବସ




ନୀଳଗିରି , ୧୮/୧୨ (ନି.ପ୍ର): ନୀଳଗିରି କ୍ରିକେଟଲିଗ୍ ସିଜିନ୍ -୫ର ଦ୍ୱିତୀୟ ଦିବସ ଖେଳରେ ଦୁଇଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଓମସାଇ ଷ୍ଟାରପାୱାର ଏବଂ ବାବା ସର୍ବେଶ୍ୱର ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ବାବା ସର୍ବେଶ୍ୱର ୧୨ଓଭରରେ ୬ୱିକେଟ ହରାଇ ୧୫୨ରନ୍ ସଂଗ୍ରହ କରିଥିବା ବେଳେ ଓମସାଇ ଷ୍ଟାର ପାୱାର ୧୧.୩ଓଭରରେ ସମସ୍ତ ୱିକେଟ ହରାଇ ୧୧୬ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଫଳରେ ବାବା ସର୍ବେଶ୍ୱର ଫାଇଟର୍ ବୃହତ୍ ବିଜୟଲାଭ କରିଥିଲା ବେଳେ ଦଳର ରାଜେଶ ପଣ୍ଡା ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନୁରୂପ ଭାବେ ଦ୍ୱିତିୟାର୍ଦ୍ଧ ଖେଳ ହରପ୍ରିୟା ଚ୍ୟାଲେଞ୍ଜର ଏବଂ ମୁକ୍ତି -୧୧ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହରପ୍ରିୟା ଚ୍ୟାଲେଞ୍ଜର ୧୨ଓଭରରେ ୪ୱିକେଟ ବିନିମୟରେ ୧୩୬ରନ୍ ସଂଗ୍ରହ କରିଥିଲା। ଜବାବରେ ମୁକ୍ତି -୧୧ସମସ୍ତ ୱିକେଟ ହରାଇ ୧୦୦ରନ୍ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଫଳରେ ହରପ୍ରିୟା ଚ୍ୟାଲେଞ୍ଜର ପରବର୍ତ୍ତୀ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହୋଇଛି। ଦଳର ବିକାଶ ବିଶ୍ୱାଳ ୪ଗୋଟି ୱିକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଆଜିର ଏହି ମ୍ୟାଚକୁ ଲକ୍ଷ୍ମୀଧର ବାରିକ ଏବଂ ଦେବାଶିଷ ବେହେରା ରେଫାରି ଭାବେ ଖେଳ ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟ ଖେଳକୁ ପୂର୍ବତନ ଏନଏସି ଚେୟାରମେନ ରାଧାଗୋବିନ୍ଦ ଖଟୁଆ ଆନୁଷ୍ଠାନିକ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣଉତ୍ସବରେ ନୀଳଗିରି ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ ଏବଂ ଗରଡ଼ିହି ସରପଞ୍ଚ ଶିବାଜୀ ସିଂ, ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏନସିଏଲ ସଭାପତି ସୁମନ ଦାସ, ବିବେକ ସାହୁ, ଆଦର୍ଶଗୌରବ ଦାସ, ସତ୍ୟଜିତ ପ୍ରଧାନ, ଅଶ୍ୱନୀ ପାତ୍ର, ଲୋକନାଥ ମିଶ୍ର, ଶୁଭ୍ରାଂଶୁ ଶେଖର ନନ୍ଦ, ସନ୍ତୋଷ ସାହୁ, ସୁନୀଲ ମଢେଇ, ସୁଶାନ୍ତ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

# ବାଉଁଶଗଡିଆ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁ ପୂଜନ

ଖଇରା, ୧୮/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଣପୁର-ବାଉଁଶଗଡିଆ ହାଇସ୍କୁଲରେ ୧୯୯୨ ମ୍ୟାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଭାବମୟ ପରିବେଶ ମଧ୍ୟରେ ୩୩ବର୍ଷ ତଳେ କାର୍ଯ୍ୟରତ ଗୁରୁମା ଗୁରୁଜୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ତତକାଳୀନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା , ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ସୁରେନ୍ଦ୍ରନାଥ ବେହେରା, ନିକୁଞ୍ଜ କିଶୋର ଦାସ, ହର କିଶୋର ମହାରଣା, ବାବାଜୀ ଚରଣ ପଣ୍ଡା, ବର୍ତ୍ତମାନର ଶିକ୍ଷକ ରତ୍ନାକର ପଣ୍ଡା, କାହ୍ନୁ ଚରଣ ସେଠୀଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ସ୍ମୃତି ପଦକ ଦେଇ ସମ୍ମାନୀତ କରାଯାଇଥିଲା । ପ୍ରାକ୍ତନ ଛାତ୍ର ଗୌତମ ମହାରଣା ସଭା ପରିଚାଳନା କରିଥିବା ବେଳେ ଶିଶିର କୁମାର ଜେନା ଆଗାମୀ ଯୋଜନା ସମ୍ପର୍କରେ ଅବତାରଣା କରିଥିଲେ । ଭାରତୀ ନାୟକ ଗୁରୁବନ୍ଦନା ଗାନ ଏବଂ ବାସନ୍ତୀଲତା ଭୁଡିଆ,ଗୀତାଞ୍ଜଳୀ ନାୟକ,ଚଞ୍ଚଳାବାଳା ସାହୁ,ଅଶେଷ ବେହେରା,ମାଧବ ଦେଉରୀ, ଦୈତାରୀ ବେହେରା, ଜଗନ୍ନାଥ ପାତ୍ର, ମାୟାଧର ଦେହୁରୀ,ନର୍ମଦା ବେହେରା, ସନ୍ଧ୍ୟାରାଣୀ ସ୍ୱାଇଁ ଓ ସନ୍ଧ୍ୟାରାଣୀ ବେହେରା ସହଯୋଗ, ଉଷାରାଣି ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

ଖଇରା, ୧୮/୧୨ (ନି.ପ୍ର): ଖଇରା ବଜାର ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦୁଇ ଦିନିଆ ବାର୍ଷିକ କ୍ରୀଡା ଗୁରୁବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ବୁଧବାର ସକାଳେ ତାରିଣୀମନ୍ଦିରରୁ କ୍ରୀଡା ଜ୍ୟୋତି ବାହାରିଥିଲା । ପ୍ରଧାନଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡାଜ୍ୟୋତି ସ୍ଥାପନା କରିଥିଲେ । ଶୁଭଲକ୍ଷ୍ମୀ ପ୍ରଧାନ ପିଲାମାନଙ୍କୁ ଶପଥ ପାଠ କରାଇଥିଲେ । ଉଦୟରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବାଳକ ବାଳିକା ବିଭାଗରେ ପିଲାମାନଙ୍କ ମଧ୍ୟରେ ଗୋଳାଫିଙ୍ଗା, ଲମ୍ବଡିଆଁ, ସ୍କିପିଂ, ଆଳି ଚାମଚ, ଛୁଞ୍ଚିସୂତା, ଧିର ସାଇକେଲ ଚାଳନା, ଜିଲାପି ଦୌଡ ଇତ୍ୟାଦି ପ୍ରତିଯୋଗିତା ରେ କୃତକାର୍ଯ୍ୟ ପିଲାମାନଙ୍କୁ ବାର୍ଷିକୋତ୍ସବରେ ପୁରସ୍କୃତ କରାଯିବ । ଗୁରୁଜୀ ବଳରାମ ଲେଙ୍କା, ପ୍ରଭାକର ଓଝା, ସୁବ୍ରତ ସାହୁ, ମିତା ପାତ୍ର, ପ୍ରଜ୍ଞାପାରମିତା ପ୍ରଧାନ, ସ୍ମୃତି ପ୍ରଧାନ, ରଶ୍ମିପ୍ରଭା ଲେଙ୍କା, ବାସନ୍ତୀ ମହାପାତ୍ର,ବବିତା ପାଣିଗ୍ରାହୀ, ମଧୁସ୍ମିତା ଜେନା, ଅହଲ୍ୟା ପାଣି କ୍ରୀଡା ପରିଚାଳନା କରିଥିଲେ ।

# ମେର୍ଦ୍ଧା ହାଇସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ବୈଶିଙ୍ଗ , ୧୮/୧୨ (ନି.ପ୍ର): ବୁଧବାର ଦିନ ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରଧାନଶିକ୍ଷକ ଶ୍ରୀମତୀ ମାଳତୀ ହେମ୍ବ୍ରମଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ସାରସ୍ୱତ ଉତ୍ସବରେ ବେତନଟୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ବିପ୍ଳବ କର ମୁଖ୍ୟଅତିଥି ରୂପେ ଯୋଗଦେଇ ଉତ୍ସବ କୁ ଆନୁଷ୍ଠାନିକଭାବେ ଉଦ୍ଘାଟନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଆଳସ୍ୟ ପରିତ୍ୟାଗ କରି ଜୀବନର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ସତ୍ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ସଦ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନଳିନୀ କୁମାର ଚୌଧୁରୀ ପୌରାଣିକ କିମ୍ବଦନ୍ତୀକୁ ଆଧାର କରି ପ୍ରଣାମର ରହସ୍ୟ ଉପରେ ସୁନ୍ଦର ସନ୍ଦେଶ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ରୂପେ ୩୭ ନଂ ଜୋନ୍ ର ଜିଲ୍ଲାପରିଷଦ ସଭ୍ୟା ସୁଶ୍ରୀ ଧାନୀ କିସ୍କୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ସନ୍ତକ କୁମାର ଲେଙ୍କା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ପ୍ରିୟନାଥ ପାଣି ବେଦପାଠ ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ପ୍ରକାଶ କେଶରୀ ପ୍ରଧାନ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଖୋର୍ଦ୍ଧା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପାରିକ ଲୋକକଳା ପ୍ରଦର୍ଶନ

ଖୋର୍ଦ୍ଧା , ୧୮/୧୨ (ନି.ପ୍ର): ଖୋର୍ଦ୍ଧା ସଦର ମହକୁମାସ୍ଥ ଟି ଏଲ ସି ରୋଡ୍ ବି ଡି ଏ ପଡ଼ିଆରେ ଅନୁଷ୍ଠିତ ଦଶ ଦିବସୀୟ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉଦଯାପନୀ ସମାରୋହ ଦ୍ୱିତୀୟ ସନ୍ଧ୍ୟାରେ ଆଜି ବହୁ ଜନ ସମାବେଶ ହୋଇଥିବାର ପରିଲିକ୍ଷିତ ହୋଇଥିଲା । ସନ୍ଧ୍ୟାରେ ମଞ୍ଚରେ ନୃତ୍ୟା ୟନ ଖୋର୍ଦ୍ଧା , ସଂସ୍କାର ଭାରତୀ ଖୋର୍ଦ୍ଧା, ମୟୁରଭଞ୍ଜର ଛଉ ନୃତ୍ୟର କଳାକାର ମାନେ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ପ୍ରାରମ୍ଭରେ ନୃତ୍ୟା ୟନ ଖୋର୍ଦ୍ଧା ନୃତ୍ୟ ପରିବେଷଣ କରିଥିଲେ ।ଆଜି ସନ୍ଧ୍ୟା ପାଞ୍ଚ ଘଟିକା ସମୟରୁ ଲୋକ ମାନଙ୍କର ଭିଡ଼ ଲାଗି ରହିଥିବାର ଦେଖା ଯାଇ ଥିଲା। ଫାଷ୍ଟ ଫୁଡ଼ ଷ୍ଟଲ ମାନଙ୍କରେ ପ୍ରବଳ ଭିଡ଼ ଦେଖା ଯାଇ ଥିଲା। ପରେ ଖୋର୍ଦ୍ଧା ମହୋତ୍ସବ ର ମୁଖ୍ୟ ଉପଦେଷ୍ଟା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଶ୍ରୀଯୁକ୍ତ ସୂର୍ଯ୍ୟ ବଂଶୀ ସୁରଜ ଯୋଗଦେଇ ଖୋର୍ଦ୍ଧା ମହୋତ୍ସବ ଶିକ୍ଷା, ସୂଚନା, ସେବା ସାଂସ୍କୃତିକ ସମ୍ଭାରର ଅନନ୍ୟ ନିଦର୍ଶନ ବୋଲି ଉଦବୋଧନ ଦେଇ ଖୋର୍ଦ୍ଧାର ଐତିହାସିକ କିମ୍ବଦନ୍ତୀ ଉଜ୍ଜୀବିତ କରିବା ସହ ଖୋର୍ଦ୍ଧା ମାଟିର ଯୁବଶକ୍ତିକୁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଭିଜନରେ ଅଂଶୀଦାର କରିବାକୁ ବହୁଗୁଣରେ ପ୍ରେରଣା ଯୋଗାଇବ ବୋଲି ପ୍ରକାଶ କରିଥିଲେ । ଏହି ଦ୍ୱିତୀୟ ସନ୍ଧ୍ୟା ମହୋତ୍ସବରେ ପରିଚାଳନା କମିଟି ସଭାପତି, ସମ୍ପାଦକ ସମେତ ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାହିତ୍ୟ ସଂସ୍କୃତି ପ୍ରେମୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇ ଥିବାବେଳେ ବହୁ ଜନ ସମାବେଶ ହୋଇଥିଲା ।

# ଆଧାର ନାହିଁ ତ ପାଠ ନାହିଁ: ବିଦ୍ୟାଳୟର ମାଟି ମାଡ଼ି ନାହାନ୍ତି ନୂଆଗାଁର ୫ ଜଣ ପିଲା

ଉଦଳା , ୧୮/୧୨ (ନି.ପ୍ର): ପ୍ରଥମ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଏଥିପାଇଁ ମୋଟା ଅଙ୍କରେ ଦରମା ନେଉଥିବା ସରକାରୀ ବାବୁ ମାନେ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଅଥଚ ଏବେ ମଧ ବହୁ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି । ଗୋପବନ୍ଧୁନଗର ବ୍ଲକ୍ ଜୟପୁର ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଠାରେ ବସବାସ କରୁଥିବା ରମେଶ ସିଂଙ୍କର ୧୪ ବର୍ଷ ବୟସର କନ୍ୟା "ସୁମିତ୍ରା" ଓ ୧୦ ବର୍ଷ ବୟସର କନ୍ୟା "ସଂଗୀତା" ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ି ନଥିବାର ପରିବାରର ଲୋକେ ଜଣାଇଛନ୍ତି। ସେହିପରି ଦିପୁ ସିଂଙ୍କର ୧୧ ବର୍ଷ ବୟସ ର କନ୍ୟା "ବିନି" ଓ ୮ ବର୍ଷ ବୟସର ପୁତ୍ର "ପ୍ରେମ୍", କୁନା ସିଂଙ୍କର ୭ ବର୍ଷ ବୟସର କନ୍ୟା "ମନୀଷା" ବିଦ୍ୟାଳୟର ମାଟି ମାଡ଼ି ନାହାନ୍ତି । ଉକ୍ତ ସମସ୍ତ ପିଲାଙ୍କର ଆଧାର କାଡ଼ ନଥିବା ଯୋଗୁଁ ବିଦ୍ୟାଳୟରେ ତାଙ୍କର ନାମ ଲେଖାଯାଇନଥିବା କଥା ଗ୍ରାମବାସୀ



ଜଣାଇଛନ୍ତି । ପରିବାରକୁ ମିଳିଥିବା ରାସନ କାର୍ଡରେ ଏହି ପିଲାଙ୍କର ନାମ ଯୋଡ଼ାଯାଇ ପାରୁନଥିବାରୁ ମୁଣ୍ଡ ପିଛା ମିଳୁଥିବା ୫ କି:ଗ୍ରା: ଚାଉଳ ପାଇବାର ବଞ୍ଚିତ ଅଛନ୍ତି। ତାଛଡ଼ା ଆଦିବାସୀ ଲୋକଙ୍କର ସବୁ ପ୍ରକାର ସୁଖଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଗୋଟିଏ ଗ୍ରାମରେ ଏତେଗୁଡ଼ିଏ ଆଦିବାସୀ ପିଲାଙ୍କର ନାମ ଲେଖାଯାଇ ପାରିନଥିବାବେଳେ ଉକ୍ତ ପ୍ରକଳ୍ପ କାହିଁକି ନୀରବ ରହିଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତା ମୂଳକ ନୁହେଁ ବୋଲି ସରକାର ଢ଼ୋଲ ପିଟୁଛନ୍ତି ଅଥଚ ଏବେ ମଧ ବହୁ ସଂଖ୍ୟାର ପିଲା ଆଧାର ନଥିବା ଯୋଗୁଁ ବିଦ୍ୟାଳୟ ବାହାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

**ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ**

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida